

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୧ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 21 May 2024

Vol.No. 35 ■ No.135 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ନବୀନଙ୍କୁ ମୋଦିଙ୍କ ପୁଣି ହମଲା: ନବୀନ ନିବାସ ଓ ସିଏମ୍‌ଓକୁ କବ୍‌ଜା କରିଛନ୍ତି ଭ୍ରଷ୍ଟାଚାରୀ

ପୁରୀରେ ମୋଦି ମ୍ୟାଜିକ: ବଡ଼ଦାଣ୍ଡ ପାଲଟିଲା ଜନ ସମୁଦ୍ର

ଅନୁଗୁଳ/କଟକ/ପୁରୀ, ୨୦/୫ (ନି.ପ୍ର): ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଜି ପୁଣି ଥରେ ଅନୁଗୋଳ ସଭାରେ ସିଧାସଖଳ ହମଲା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ପୂର୍ବରୁ ଓଡ଼ିଶାର ଜିଲ୍ଲା କେତୋଟି ଓ କଣ୍ଟାବାଞ୍ଜିର ୧୦ଟି ଗାଁ ନାଁ କହିବା ପାଇଁ ଖୋଲା ଚ୍ୟାଲେଞ୍ଜ ଦେଇଥିବା ମୋଦି ଆଜି ନବୀନଙ୍କ ପାରିଷଦକୁ ଶାଣିତ ସମାଲୋଚନା କରିଛନ୍ତି। କହିଛନ୍ତି, ବିଜେଡି ସରକାର ପୂରା ଭ୍ରଷ୍ଟାଚାରୀଙ୍କ ଦ୍ୱାରା ଘେରି ରହିଛି। କିଛି ନିର୍ଦ୍ଦିଷ୍ଟ ଭ୍ରଷ୍ଟାଚାରୀ ମୁଖ୍ୟମନ୍ତ୍ରୀଙ୍କ ନିବାସ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପୂରା ଘେରି ରହିଛନ୍ତି। ବିଜେଡିର ଛୋଟ ଛୋଟ ନେତା କୋଟି କୋଟି ଟଙ୍କାର ମାଲିକ। ସେ ଆହୁରି କହିଛନ୍ତି, ଓଡ଼ିଶାବାସୀ ବିଜେଡି ଉପରେ ୨୫ ବର୍ଷ ହେବ ଭରସା କରିସାରିଲେଣି। ଏହି୨୫ ବର୍ଷରେ ଓଡ଼ିଶା ଲୋକଙ୍କୁ କ'ଣ ମିଳିଛି? ଆଜି ବି ଚାଷୀ, ଯୁବବର୍ଗ କଷ୍ଟରେ ରହିଛନ୍ତି। କାମଧନ୍ଦା ପାଇଁ ହଜାର ହଜାର ଯୁବକ ବାହାରକୁ ଯାଉଛନ୍ତି। ଓଡ଼ିଶାର ଗରିବୀ ଦେଖି ମୋ ହୃଦୟକୁ ବହୁତ କଷ୍ଟ ହେଉଛି। ପ୍ରାକୃତିକ ସଂପଦରେ ଭରପୁର ଓଡ଼ିଶାରେ ଏ ଜୀବନଯୁଦ୍ଧ କାହିଁକି? ମୋ ଓଡ଼ିଶାକୁ କିଏ ଏମିତି ବରବାଦ କରିଦେଲା? ସବୁ ବରବାଦୀର କାରଣ ହେଉଛି ବିଜେଡି ସରକାର। ଓଡ଼ିଶାରେ ମଧ୍ୟ ପ୍ରଥମ ଥର ଡବଲ ଇଂଜିନ ସରକାର ହେବ। ଓଡ଼ିଶାର ବିକାଶ ଓଡ଼ିଶା ମାଟିର ପୁଅ ହିଁ କେବଳ କରିପାରିବ। ବିଜେପିକୁ ଭୋଟ ଦିଅନ୍ତୁ, ମୋଦି ଆଜି ଗ୍ୟାରେଣ୍ଟି ଦେଉଛି ଯେ ଓଡ଼ିଶାର ପୁଅ କିମ୍ବା ଝିଅକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରାଯିବ। ୧୦ ଜୁନ୍‌ରେ ଓଡ଼ିଶାରେ ଡବଲ ଇଂଜିନ ସରକାରର ଶପଥ ଗ୍ରହଣ ହେବ। ଏ ସରକାର ଯିବା ନିଶ୍ଚିତ। ବିଜେଡିକୁ ▶▶ପୃଷ୍ଠା ୭

ପ୍ରଦୀପଙ୍କୁ ଆକ୍ରମଣ ଘଟଣା: ଶିବଶଙ୍କରଙ୍କୁ ମିଳିଲାନି ଜାମିନ

ବ୍ରହ୍ମପୁର, ୨୦/୫ (ନି.ପ୍ର): ବ୍ରହ୍ମପୁର ଲୋକସଭା ଆସନର ବିଜେପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଆକ୍ରମଣ ଘଟଣାର ଅଭିଯୁକ୍ତ ତଥା ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କର ଦାସଙ୍କୁ ମିଳିଲାନି ଜାମିନ। ଏସ୍‌ଡିଜେଏମ୍‌ଙ୍କ ପରେ ଜିଲ୍ଲା ଦୌରା ଜଜଙ୍କ କୋର୍ଟରେ ତାଙ୍କ ଜାମିନ ଆବେଦନ ଖାରଜ ହୋଇଛି। ଗତ ୧୪ ତାରିଖରେ ପ୍ରଦୀପଙ୍କୁ ଆକ୍ରମଣ କରିଥିଲେ ଶିବଶଙ୍କର ଦାସ ଓରଫ ପିଣ୍ଟୁ। ଅନ୍ୟପକ୍ଷରେ ଆଜି ଭୁବନେଶ୍ୱର ଏମ୍‌ସରୁ ଡିସ୍‌ଚାର୍ଜ ହୋଇଥିବା ପ୍ରଦୀପ ପାଣିଗ୍ରାହୀ ଆଣିଛନ୍ତି ସାଂଘାତିକ ଅଭିଯୋଗ। ସେ କହିଛନ୍ତି, ବିଜେଡି ସହ ଶିବଶଙ୍କର ଦାସ ଓରଫ ପିଣ୍ଟୁଙ୍କର ରହିଛି ସଂପର୍କ। ପୂର୍ବରୁ ବିଜେପି ଟିକେଟରେ ବିଧାନସଭା ପ୍ରାର୍ଥୀ ହେବା ପାଇଁ ଉଦ୍ୟମ କରିଥିଲେ ପିଣ୍ଟୁ ଦାସ। କିନ୍ତୁ ସମ୍ଭବ ନହେବାରୁ ବିଜେଡି ସହ ସଲାସୁତୁରା କରି ସ୍ୱାଧୀନ ଭାବେ ସେ ନିର୍ବାଚନ ଲଢ଼ିଛନ୍ତି। ହିଞ୍ଜିଳିରେ ମୁଖ୍ୟମନ୍ତ୍ରୀ ଓ ଆସିକା ସିଟ୍‌ରେ ବିଜେଡିର ପରାଜୟ ସମ୍ଭାବନାକୁ ଦେଖି ପୁଲିସ ଉପସ୍ଥିତିରେ ଆକ୍ରମଣ କରାଯାଇଥିଲା। ପିଣ୍ଟୁ ଦାସଙ୍କ ମୋବାଇଲ୍ ଯାଞ୍ଚ କଲେ ସବୁ ସତ ସାମ୍ନାକୁ ଆସିବ ବୋଲି କହିଛନ୍ତି ପ୍ରଦୀପ। ପ୍ରଦୀପଙ୍କ ଅଭିଯୋଗକୁ ଖଣ୍ଡନ କରିଛି ବିଜେଡି। ବ୍ୟକ୍ତିଗତ କାରଣରୁ ପ୍ରଦୀପଙ୍କ ଉପରେ ଆକ୍ରମଣ ହୋଇଛି ବୋଲି କହିଛି ଦଳ। ବିଜେଡି ଗଞ୍ଜାମ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ କହିଛନ୍ତି, ଏହି ଘଟଣା ସେମାନଙ୍କ ବ୍ୟକ୍ତିଗତ ମନୋମାଳିନ୍ୟ ଯୋଗୁ ଘଟିଛି। ଚାଲି ନଜାଣି ବାଟର ଦୋଷ କହିଲା ଭଳି ସେମାନଙ୍କ ମଧ୍ୟସ୍ଥ କଳହକୁ ଆଣି ଆମ ସହିତ ଯୋଡ଼ିବା ଆଦୌ ଠିକ୍ ନୁହେଁ।

ଖାରବେଳ ବହିଷ୍କୃତ, ସମୀରଙ୍କୁ ରାଜ୍ୟ ମୁଖପାତ୍ର ଓ ୪ ବିଧାନସଭା ଆସନର ନିର୍ବାଚନ ପରିଚାଳନା ଦାୟିତ୍ୱ



ଭୁବନେଶ୍ୱର, ୨୦/୫ (ନି.ପ୍ର): ବିଜେଡି ଛାଡ଼ି ଗତକାଲି ବିଜେପିରେ ସାମିଲ ହୋଇଥିବା ବରିଷ୍ଠ ନେତା ସମୀର ରଞ୍ଜନ ଦାଶଙ୍କୁ ଆଜି ଦଳ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ ହୋଇଛି । ସେହିପରି ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେପି ଆଜି ଦଳରୁ ବହିଷ୍କାର କରିଛି । ଦଳ ପକ୍ଷରୁ ଜାରି ସୂଚନା ଅନୁସାରେ, ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ରାଜ୍ୟ ମୁଖପାତ୍ର ଭାବେ ନିଯୁକ୍ତି ମିଳିଛି । ଦଳର ମିଡିଆ ସେଲକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନରେ ରାଜ୍ୟ ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ତାଙ୍କୁ କାକଟପୁର, ନିମାପଡ଼ା, ପିପିଲି ଓ ସତ୍ୟବାଦୀ ବିଧାନସଭା ଆସନର ନିର୍ବାଚନ ପରିଚାଳନା ପର୍ଯ୍ୟବେକ୍ଷକ ଦାୟିତ୍ୱ ବିଶେଷ ଭାବେ ପ୍ରଦାନ କରାଯାଇଛି । ଶ୍ରୀ ଦାଶଙ୍କ ବ୍ୟତୀତ ନାଲକୋର ପୂର୍ବତନ ଅବସରପ୍ରାପ୍ତ ଅଧିକାରୀ ତପନ କୁମାର ଚାନ୍ଦଙ୍କୁ ବିଜେପି ରାଜ୍ୟ ମୁଖପାତ୍ର ଭାବେ ନିଯୁକ୍ତି ମିଳିଛି । ଅନ୍ୟପକ୍ଷରେ ଦଳୀୟ ନିଷ୍ପତ୍ତି ବିରୁଦ୍ଧରେ ଯାଇ ପ୍ରାର୍ଥୀ ହୋଇଥିବା ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁଙ୍କୁ ଆଜି ଦଳବିରୋଧୀ କାର୍ଯ୍ୟ ପାଇଁ ଦଳରୁ ବହିଷ୍କାର କରାଯାଇଛି ।

ପଲ୍‌ସରକୁ ପିଟିଲା ହାଇୱା: ବାପା, ମା', ପୁଅ ଓ ଝିଅ ମୃତ

ଢେଙ୍କାନାଳ, ୨୦/୫ (ନି.ପ୍ର): ସଡ଼କ ଦୁର୍ଘଟଣାରେ ଚାଲିଗଲା ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କ ଜୀବନ। ପ୍ରାଣ ହରାଇଲେ ବାପା, ମା', ପୁଅ ଓ ଝିଅ। ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଥାନା ପିଙ୍ଗୁଆ ନିକଟରେ ଘଟିଛି ଏହି ଦୁର୍ଘଟଣା। ମୃତକମାନେ ଖଙ୍କିରା ଗାଁର। ଏହି ପରିବାର ଏକ ପଲ୍‌ସରରେ ବନ୍ଧୁ ଘରକୁ ଯାଉଥିବା ବେଳେ ସାମ୍ନା ପଟୁ ଆସୁଥିବା ଏକ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ବାପାମା'ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଦୁଇ ଛୁଆଙ୍କର ଡାକ୍ତରଖାନାରେ ମୃତ୍ୟୁ ହୋଇଥିଲା। ପୁଅକୁ ୧୧ ବର୍ଷ ହୋଇଥିବା ବେଳେ ଝିଅକୁ ୫ ବର୍ଷ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରାଯାଇଛି। ତେବେ ହାଇୱା ଡ୍ରାଇଭର ଫେରାର ହୋଇଯାଇଛନ୍ତି।

ଦେଶରେ ସରିଲା ୫ମ ଓ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ

ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୦/୫ (ନି.ପ୍ର): ଦେଶରେ ଚାଲିଥିବା ଲୋକସଭା ନିର୍ବାଚନର ୫ମ ପର୍ଯ୍ୟାୟ ଭୋଟିଂ ଆଜି ଶେଷ ହୋଇଛି। ୬ଟି ରାଜ୍ୟ ଓ ୨ଟି କେନ୍ଦ୍ର ଶାସିତ ଅଞ୍ଚଳର ମୋଟ ୪୯ଟି ଆସନ ପାଇଁ ଆଜି ଲୋକମାନେ ମତାଧିକାର ସାବ୍ୟସ୍ତ କରିଛି। ଭୋଟିଂ ପରେ ୬୯୫ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଯାଇଛି। ଏମାନଙ୍କ ମଧ୍ୟରେ ୮୨ ଜଣ ମହିଳା ମଧ୍ୟ ରହିଛନ୍ତି। ସନ୍ଧ୍ୟା ୭ଟା ସୁଦ୍ଧା ଭୋଟିଂ ହାର ପ୍ରାୟ ୬୦% ରହିଛି। କିଛି ସ୍ଥାନରେ ଭିଡ଼ ଲାଗି ରହିଥିବାରୁ ଆଗକୁ ନିର୍ବାଚନ କମିଶନ ଅପଡେଟ ଭୋଟିଂ ହାର ପ୍ରକାଶ କରିବେ ବୋଲି ଜଣାପଡ଼ିଛି। ଆଜି ମହାରାଷ୍ଟ୍ରର ୧୩, ଉତ୍ତର ପ୍ରଦେଶର ୧୪ଟି, ପଶ୍ଚିମବଙ୍ଗର ୭ଟି, ବିହାରର ୫ଟି, ଓଡ଼ିଶାର ୫ଟି, ଝାରଖଣ୍ଡର ୩ଟି, ଜମ୍ମୁ-କଶ୍ମୀର ଓ ଲଦାଖର ଗୋଟିଏ ଲେଖାଏ ଆସନ ପାଇଁ ମତଦାନ ହୋଇଥିଲା। ଆଜିର ଭୋଟିଂ ସହ ମହାରାଷ୍ଟ୍ରର ସମସ୍ତ ୪୮ଟି ଆସନରେ ମତଦାନ ଶେଷ ହୋଇ ଯାଇଛି। ଏବେ ଜୁନ ୪କୁ ଅପେକ୍ଷା। ଓଡ଼ିଶାର ୫ ଲୋକସଭା ଆସନ ସହ ଏହା ଅଧୀନରେ ଥିବା ୩୫ଟି ବିଧାନସଭା ସିଟ ମଧ୍ୟ ଲୋକମାନେ ଭୋଟ ଦେଇଛନ୍ତି। ଏହି ପର୍ଯ୍ୟାୟରେ ▶▶ପୃଷ୍ଠା ୭

ଅହମ୍ମଦାବାଦ ବିମାନ ବନ୍ଦରରୁ ୪ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ, ୨୦/୫ : ଅହମ୍ମଦାବାଦ ବିମାନବନ୍ଦରରୁ ୪ଜଣ ଇସଲାମିକ୍ ଷ୍ଟେଟ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି । ଏପର୍ଯ୍ୟନ୍ତ ସେମାନଙ୍କର ପରିଚୟ ପ୍ରଦାନ କରାଯାଇନାହିଁ । ସୂତ୍ର ସୂଚନା ମୁତାବକ ଏହି ୪ ଜଣ ଆତଙ୍କବାଦୀ ଇସଲାମିକ୍ ଷ୍ଟେଟ୍ ସହ ଜଡିତ ବୋଲି କୁହାଯାଉଛି। କେବଳ ସେତିକି ନୁହେଁ ଏହି ଆତଙ୍କବାଦୀଙ୍କ କନେକସନ ଶ୍ରୀଲଙ୍କା ସହ ଜଡିତ ବୋଲି ମଧ୍ୟ କୁହାଯାଇଛି । ଏହି ୪ ଜଣ ଆତଙ୍କବାଦୀ ଅହମ୍ମଦାବାଦ ଆସୁଥିବାର ସୂଚନା ମିଳିଥିଲା । କେନ୍ଦ୍ରୀୟ ଏଜେନ୍ସି ଗୁଜରାଟ ଏଟିଏସ ସହ ଯୋଗା ଯୋଗ କରି ସେମାନଙ୍କୁ ଅହମ୍ମଦାବାଦ ବିମାନ ବନ୍ଦରରୁ ଗିରଫ କରାଯାଇଛି । ▶▶ପୃଷ୍ଠା ୭

ଏମ୍‌ସରୁ ଡିସ୍‌ଚାର୍ଜ ହେବା ପରେ ବିସ୍ଫୋରକ ବୟାନ୍ ଦେଲେ ପ୍ରଦୀପ ପାଣିଗ୍ରାହୀ

ବ୍ରହ୍ମପୁର, ୨୦/୫ (ନି.ପ୍ର): ବ୍ରହ୍ମପୁର ବିଜେପି ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଆକ୍ରମଣ ପଛର କାରଣ କ'ଣ ? ସ୍ୱାଧୀନ ପ୍ରାର୍ଥୀ ଶିବଶଙ୍କର ଓରଫ୍ ପିଣ୍ଟୁ ଦାସ କାହିଁକି କଲେ ଆକ୍ରମଣ? ଆକ୍ରମଣ ପଛରେ ବାସ୍ତବରେ ପିଣ୍ଟୁ ଦାସ ନା ଆଉ କିଏ? ସପ୍ତାହେର ଚିକିତ୍ସା ପରେ ଭୁବନେଶ୍ୱର ଏମ୍‌ସରୁ ଆଜି ଡିସଚାର୍ଜ ହେବା ପରେ ଆଜି ପ୍ରଦୀପ ଦେଇଛନ୍ତି ବିସ୍ଫୋରକ ବୟାନ। କେମିତି ଷଡ଼ଯନ୍ତ୍ର ରଚି ବିଜେଡି କରିଥିଲା ଆକ୍ରମଣ, ଗୋଟି ଗୋଟି କରି ବଖାଣିଛନ୍ତି ପ୍ରଦୀପ। ସେ କହିଛନ୍ତି, ବ୍ରହ୍ମପୁର ଗୋଷାଣୀ ନୂଆଁଗାଁର ୧୩୨ ନମ୍ବର ବୁଥରେ ଇଭିଏମ୍ ଠିକରେ ସିଲ୍ ହେଲା ନା ନାହିଁ, ସେ ସଂପର୍କରେ ବୁଝିବା ବେଳେ ହଠାତ୍ ପିଣ୍ଟୁ ଦାସ କରିଥିଲେ ଆକ୍ରମଣ। ଯାହାଫଳରେ ଚେତା ହରାଇ ପଡ଼ିଥିଲେ ପ୍ରଦୀପ। ଆଉ ଚେତା ଫେରିଲା ବେଳକୁ ଘଟଣାସ୍ଥଳରେ ଝଉଚଡ଼ ଥିଲେ। ▶▶ପୃଷ୍ଠା ୭

ଅଧା ରହିଲା ମତଦାନ: ଜନତା-ପୁଲିସ୍ ମୁହାଁମୁହିଁ

ବୌଦ୍ଧ, ୨୦/୫ (ନି.ପ୍ର): ଅଧାରେ ରହିଲା ମତଦାନ! ଏହାକୁ ନେଇ ହୋଇଥିବା ବିବାଦ ଉଗ୍ର ରୂପ ଧାରଣ କରିଛି। ଜନତା ଓ ପୁଲିସ୍ ମୁହାଁମୁହିଁ ହୋଇଛନ୍ତି। ଉଭୟଙ୍କ ଭିତରେ ହୋଇଥିବା ଖଣ୍ଡ ଯୁଦ୍ଧ ଯୋଗୁଁ ୫୭ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଛି। ଏପରି ଘଟଣା ବୌଦ୍ଧ ଜିଲ୍ଲାରେ ଦେଖିବାକୁ ମିଳିଛି। ଆଜି ସକାଳେ କଣ୍ଟାମାଳ ମହେଶ୍ୱରପିଣ୍ଡା ଗାଁର ୨୮ ନମ୍ବର ବୁଥ୍‌ରେ ମତଦାନ ଆରମ୍ଭ ହୋଇଥିଲା। ମତଦାନ ପାଇଁ ଆସୁଥିବା ଭୋଟରଙ୍କୁ ପ୍ରିଜାଇଡିଂ ଅଫିସର ଶଙ୍ଖ ଚିହ୍ନରେ ଭୋଟ୍ ଦେବାକୁ କହୁଥିବା ଅଭିଯୋଗ ହୋଇଥିଲା। ଏପରିକି ବୟସ୍କ ଭୋଟରଙ୍କ ପାଇଁ ପ୍ରିଜାଇଡିଂ ଅଫିସର ନିଜେ ଶଙ୍ଖ ଚିହ୍ନ ଦବାଇ ଦେଉଥିବା କିଛି ମହିଳା ଅଭିଯୋଗ କରିଥିଲେ। ଏହାକୁ ନେଇ ବୁଥରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରିଜାଇଡିଂ ଅଫିସରଙ୍କ ଏପରି କାର୍ଯ୍ୟକୁ ବିରୋଧ କରି ଗାଁ ଲୋକେ ଧାରଣାରେ ବସିଥିଲେ। ଯେଉଁଥିପାଇଁ ଅପରାହ୍ନ ୧ଟାରୁ ମତଦାନ ବନ୍ଦ ରହିଥିଲା। ପରବର୍ତ୍ତୀ ସମୟରେ ଗାଁ ଲୋକ ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ପରେ ଗାଁ ଲୋକଙ୍କ ସହିତ ବିଜେପି ▶▶ପୃଷ୍ଠା ୭

ସର୍ବ ସମ୍ମୁଖରେ ଅଟୋ ଚାଳକଙ୍କୁ ଛୁରୀ ଭୁଷି ହତ୍ୟା

ବରଗଡ଼ , ୨୦/୫ (ନି.ପ୍ର): ମତଦାନ କେନ୍ଦ୍ରକୁ ଭୋଟରଙ୍କୁ ଧରି ଅଟୋରେ ଯାଉଥିଲେ। ହେଲେ ବିଚ୍ ରାସ୍ତାରେ ତାଙ୍କୁ ଅଟକାଇ ଛୁରୀ ଭୁଷି ହତ୍ୟା କଲେ ନିଶାସକ୍ତ ଯୁବକ। ଆଜି ଏପରି ବୀଭତ୍ସ ହତ୍ୟାକାଣ୍ଡ ବରଗଡ଼ ଜିଲ୍ଲାରେ ଘଟିଛି। ଏନେଇ ଅଭିଯୋଗ ହେବା ପରେ ତନାଘନା ଆରମ୍ଭ କରିଛି ପୁଲିସ୍। ପ୍ରାଥମିକ ତଦନ୍ତରୁ ବ୍ୟକ୍ତିଗତ କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିବା ଉତ୍ତରାଞ୍ଚଳ ଆଇଜି ସ୍ପଷ୍ଟ କରିଛନ୍ତି। ଆଜି ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଚାଲିଛି। ତେଣୁ ସରସରା ଗାଁର ୩୫ ବର୍ଷୀୟ ଯୁବକ ବିଶ୍ୱନାଥ ମିର୍ଧା ନିଜ ଅଟୋରେ କିଛି ଭୋଟ୍‌ରଙ୍କୁ ଧରି ମତଦାନ କେନ୍ଦ୍ରକୁ ଯାଉଥିଲେ। ତେବେ ଗାଁ ମୁଣ୍ଡରେ ଅଶୋକ ମହାନନ୍ଦ ଅଟୋ ଅଟକାଇ ତାଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଯାହାଫଳରେ ବିଶ୍ୱନାଥ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରାଯାଇ ବରଗଡ଼ ଟାଉନ୍ ହସ୍ପିଟାଲ୍‌ରେ ▶▶ପୃଷ୍ଠା ୭

୨୦ ଫୁଟ ତଳକୁ ଖସିଲା ପିକ୍‌ଅପ୍ ଭ୍ୟାନ୍: ୧୮ ମୃତ

ଛତିଶଗଡ଼, ୨୦/୫ : ଛତିଶଗଡ଼ର କବୀରଧାମ ଜିଲ୍ଲା କବର୍ଧାର ବହପାଣି ଅଞ୍ଚଳରେ ସୋମବାର ଏକ ପିକ୍‌ଅପ୍ ଭ୍ୟାନ୍ ରାସ୍ତାରୁ ୨୦ ଫୁଟ୍ ତଳକୁ ଖସି ପଡ଼ିବାରୁ ୧୮ ଜଣଙ୍କ ମୃତ୍ୟ ଘଟିଛି। ଏଥିରେ ଆହୁରି ୧୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ମୃତାହତମାନେ କୁଇର ବାସିନ୍ଦା। ସେମାନେ ସମସ୍ତେ ବୈଗା ଆଦିବାସୀ ସଂପ୍ରଦାୟର। ସୂଚନା ଅନୁଯାୟୀ, ପ୍ରାୟ ୩୦ ଜଣ ଲୋକ କେନ୍ଦୁପତ୍ର ତୋଳିବାର ପରେ ଏହି ପିକ୍‌ଅପ୍ ଭ୍ୟାନ୍‌ରେ ଫେରୁଥିଲେ। ତେବେ ବହପାଣି ଅଞ୍ଚଳ ଦେଇ ପିକ୍‌ଅପ୍ ଭ୍ୟାନ୍‌ଟି ଯାଉଥିବା ବେଳେ ନିୟନ୍ତ୍ରଣ ହରାଇ ରାସ୍ତାରୁ ପ୍ରାୟ ୨୦ ଫୁଟ୍ ତଳକୁ ଖସି ପଡ଼ିଥିଲା। ଘଟଣାସ୍ଥଳରେ ଅନେକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ କେତେ ଜଣଙ୍କ ଡାକ୍ତରଖାନାରେ ମୃତ ଘୋଷଣା କରାଯାଇଥିଲା। ଆହତମାନଙ୍କୁ କବୀରଧାମ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବୈଗା ସଂପ୍ରଦାୟର ଲୋକେ ସାଧାରଣତଃ ବିଡ଼ି ତିଆରି ବ୍ୟବସାୟରେ ସଂପୃକ୍ତ ରହିଥାଆନ୍ତି। ସେଥିପାଇଁ ସେମାନେ ଜଙ୍ଗଲରୁ କେନ୍ଦୁ ପତ୍ର ସଂଗ୍ରହ କରନ୍ତି।

କମୁନି ଆମ ଆଦମୀ ପାର୍ଟିର ସମସ୍ୟା: ଆମେରିକା, କାନାଡ଼ା, ଆରବ ୮ଟି ଦେଶରୁ ଦଳକୁ ମିଳିଛି କୋଟି କୋଟି ଟଙ୍କା ପାଣ୍ଠି



ନୂଆଦିଲ୍ଲୀ, ୨୦/୫ : ଦିଲ୍ଲୀ ଓ ପଞ୍ଜାବର କ୍ଷମତାସୀନ ଆମ ଆଦମୀ ପାର୍ଟି(ଆପ) ୨୦୧୪ରୁ ୨୦୨୨ ମଧ୍ୟରେ ବିଦେଶରୁ ୭.୦୮ କୋଟି ଟଙ୍କାର ପାଣ୍ଠି ପାଇଛି। ବିଦେଶୀ ଅନୁଦାନ ଗ୍ରହଣ କରିବା ବେଳେ ଆପ୍, ଜନ ପ୍ରତିନିଧି ଆଇନ ଓ ଆଇପିସିର ବିଭିନ୍ନ ନିୟମକୁ ଉଲ୍ଲଙ୍ଘନ କରିଥିବା ଇଡି ଦାବି କରିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ସଂସ୍ଥା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଅବଗତ କରାଇଛି। ଇଡି ପକ୍ଷରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପଠାଯାଇଥିବା ଦସ୍ତାବିଜରେ ଦାବି କରାଯାଇଛି ଯେ ଆମେରିକା, କାନାଡା, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ, ସାଉଦି ଆରବ, ୟୁଏଇ, କୁଏତ ଓ ଓମାନରୁ ଆପ ପାଖକୁ ଅନୁଦାନ ଆସିଛି। ଆପ୍ ଓ ଏହାର ନେତାମାନେ ବିଦେଶୀ ଅନୁଦାନ ଗ୍ରହଣ କରିବା ବେଳେ ଏକାଧିକ ଥର ନିୟମ ଉଲ୍ଲଙ୍ଘନ କରିଛନ୍ତି। ଆପ ବିଧାୟକ ଦୁର୍ଗେଶ ପାଠକ ୨୦୧୬ରେ କାନାଡାରେ ପାଣ୍ଠି ସଂଗ୍ରହ ପାଇଁ ଗୋଟିଏ ଅଭିଯାନ କରିଥିଲେ। ସେ ଦଳ ନାଁ କହି ପାଣ୍ଠି ସଂଗ୍ରହ କରିଥିଲେ ମଧ୍ୟ ନିଜର ବ୍ୟକ୍ତିଗତ କାମରେ ଏହାକୁ ବ୍ୟବହାର କରିଥିଲେ। ଏ ସଂକ୍ରାନ୍ତରେ ଇଡି ଏକାଧିକ ଇ-ମେଲ ମଧ୍ୟ ପାଇଛି। ଆପ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଇ-ମେଲ ଯୋଗେ ପାଣ୍ଠି ସଂଗ୍ରହ ସମ୍ପର୍କରେ ଆଲୋଚନା ହୋଇଥିଲା। ଅଙ୍କିତ ସକ୍ସେସନା (ଆପ୍‌ର ବିଦେଶୀ ସଂଜଯୋଗ), କୁମାର ବିଶ୍ୱାସ (ତତ୍କାଳୀନ ଆପର ବିଦେଶୀ ଆବାହକ), କପିଲ ଭରଦ୍ୱାଜ(ତତ୍କାଳୀନ ଆପ ନେତା) ଓ ଦୁର୍ଗେଶ ପାଠକଙ୍କ ଇ-ମେଲ ଆଦାନ ପ୍ରଦାନକୁ ଦେଖି ଇଡି ଏପରି ଅଭିଯୋଗ ଆଣିଛି। ଇଡି କହିଛି ଯେ ଏକାଧିକ ଦାତା ସମାନ ପାସପୋର୍ଟ

ରାଜନୀତି ଏକ ବେପାର ନୁହଁ, ଏହା ଏକ ତପସ୍ୟା: ଶ୍ରୀକାନ୍ତ ଜେନା

ନୀଳଗିରି , ୨୦/୫ (ନି.ପ୍ର): ଭାରତୀୟ ଜାତୀୟ କଂଗ୍ରେସର ବାଲେଶ୍ୱର ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ରବିବାର ସନ୍ଧ୍ୟାରେ ବରହମପୁର ଠାରେ ଏକ ନିର୍ବାଚନୀ ସଭାରେ ଯୋଗ ଦେଇ ଉଭୟ ବିଜେଡି ବିଜେପି ସରକାର ଉପରେ ଗର୍ଜି ଥିଲେ। ଉଭୟ ସରକାର ଦୁର୍ନୀତିରେ ଜଡିତ ଥିବା ବେଳେ ସାଧାରଣ ଲୋକମାନଙ୍କୁ ଭୁଆଁ ବୁଲାଉଛନ୍ତି। ଉଭୟ ବିଜେଡି, ବିଜେପି ବେପାର ପାଇଁ ରାଜନୀତି କରୁଛନ୍ତି। ରାଜନୀତି ଏକ ବେପାର ନୁହଁ ବରଂ ଏହା ଏକ ତପସ୍ୟା ବୋଲି ନିଜ ଅଭିଭାଷଣରେ କହିଥିଲେ। ଆଜି ବାଲେଶ୍ୱରରେ ଯାହା କିଛି ହୋଇଛି, ତାହା କଂଗ୍ରେସ ଅମଳରେ ହୋଇଛି ବୋଲି ଶ୍ରୀକାନ୍ତ ଜେନା ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ନିର୍ବାଚନୀ ସଭାରେ ପାଖାପାଖି ୨ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିବାର ଜଣାପଡିଛି। କଂଗ୍ରେସ ଦଳର ଯୁବନେତା ଆଶିଷ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ନୀଳଗିରିର କଂଗ୍ରେସ ବିଧାୟକ ପ୍ରାର୍ଥୀ ଅକ୍ଷୟ କୁମାର ଆଚାର୍ଯ୍ୟ, ଜିଲ୍ଲା ପ୍ରଭାରୀ ଅଭୟ ଛଗେଜୀ, ପ୍ରଫୁଲ୍ଲ ରାଉଳ, ଯଶୋଦା ସିଂହ, ତପନ ରାଉତ, ଉପେନ୍ଦ୍ର ବେହେରା, ଭାଗିରଥି ବେହେରା, ଶଶି ସିଂ, ସନାତନ ଜେନା, ଅଶ୍ୱନି ପାତ୍ର, ହେମନ୍ତ ନାୟକ, ଅମିତ୍ ଦାସ ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ।

ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଚାଲିଗଲା ନିରୀହ ଗାଈର ଜୀବନ

ମାଲକାନଗିରି, ୨୦/୫ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ବଦଲି ପଂଚାୟତ ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥକୁ ଲାଗି ଥିବା ଏମଭି -୪୦ ଗ୍ରାମରେ ଆଜି ସକାଳୁ ଟାଟା ବିଦ୍ୟୁତ ବିଭାଗର ଅବହେଳା ପାଇଁ ଏକ ନିରୀହ ଗାଈର ଜୀବନ ଚାଲିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ସୁନୀଲ କୁମାର ବୈଦ୍ୟ ଆଜି ସକାଳୁ ଗାଈ କ୍ଷୀର ଦୁହିଁବା ପରେ ଘର ନିକଟରେ ଥିବା ଜମିକୁ ଚରିବା ପାଇଁ ଗାଈକୁ ଛାଡିଥିଲେ। ଗାଈଟି ଚରିବା ବେଳେ ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ପାଖରେ ଆର୍ଥିଙ୍ଗ ପାଇଁ ପୋତା ଯାଇଥିବା ଲୁହା ପାଇପ ସଂସ୍ପର୍ଶରେ ଆସି କରେଣ୍ଟ ଆଘାତରେ ସେଠାରେ ପଡିଯାଇଥିଲା। ଏହା ଦେଖି ଗ୍ରାମବାସୀ ମାନେ ଯାଇ ଗାଈକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନଙ୍କୁ ବିଦ୍ୟୁତ ଆଘାତ ହୋଇଥିଲା। କିଛି ସମୟ ଧରି ଛଟ ପଟ ହୋଇ ଗାଈ ମୃତ୍ୟୁବରଣ କରିଥିଲା। ଗ୍ରାମବାସିଙ୍କ କହିବା ଅନୁଯାୟୀ, ସେଠରେ ପୋତା ଯାଇଥିବା ପାଇପ କୁ ମାଟି ତଳେ ଠିକ ଭାବେ ପୋତାଯାଇ ନଥିବା ଏବଂ ଖୁଂଟରେ ତାର ଗୁଡିକ ମୁକୁଳା ଛଡା ଯାଇଥିବାରୁ ଏଭଳି ଘଟଣା ଘଟିଲା। ଏଥିପାଇଁ ବିଦ୍ୟୁତ ବିଭାଗ ତରଫରୁ ମୃତ୍ୟୁବରଣ କରିଥିବା ଗାଈର ମାଲିକଙ୍କୁ କ୍ଷତି ପୂରଣ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ବାଲିଆ ଗ୍ରାମପଞ୍ଚାୟତରେ କାର୍ଯ୍ୟକର୍ତ୍ତା ବୈଠକ ଏବଂ ମିଶ୍ରଣ ପର୍ବ

ବାଲେଶ୍ୱର, ୨୦/୫ (ନି.ପ୍ର): ବାଲିଆ ସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ବାଲିଆ ପଞ୍ଚାୟତର ସାଂଗଠନିକ ବୈଠକ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବାଲିଆ ପଞ୍ଚାୟତର ୧୧ ଗୋଟି ୱାର୍ଡର ବୁଥ ସଭାପତି,ପୃଷ୍ଠା ପ୍ରମୁଖ ଏବଂ ବରିଷ୍ଠ କାର୍ଯ୍ୟକର୍ତ୍ତା ଙ୍କୁ ନେଇ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲିଆ ପଞ୍ଚାୟତ ସଭାପତି ବିନୟ କୁମାର ପଢ଼ିଆରିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା,ଯୁବ ମୋର୍ଚ୍ଚା ଉପସଭାପତି ନାରାୟଣ ମହାନ୍ତ,ପଞ୍ଚାୟତ ସହ ପ୍ରମୁଖ ରତିକାନ୍ତ ରାଉତ, ସରପଞ୍ଚ ନିତାଇ ଚରଣ ନାୟକ,ସମିତି ସଭ୍ୟା ଶିବାନୀ ହାଁସଦା, ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଶାନ୍ତ ସାହା ,ସୁରେନ୍ଦ୍ର ବେହେରା, ସୁକୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ବାଲିଆ ଗ୍ରାମପଞ୍ଚାୟତର ସାଂଗଠନିକ ଆଲୋଚନା ସହ ୧୦ ନମ୍ବର ୱାର୍ଡର ପୂର୍ବତନ ୱାର୍ଡ ସଭ୍ୟ ଅପୂର୍ବ ସାହା,୩ ନମ୍ବର ୱାର୍ଡର ସ୍ୱାଧୀନ ପ୍ରାର୍ଥୀ ଚନ୍ଦନ ବେହେରା ଏବଂ ତାଙ୍କ ସମର୍ଥକମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଲେ। ବୈଠକରେ ସମସ୍ତ କାର୍ଯ୍ୟକର୍ତ୍ତା ଏକ ମନ ଏକ ପ୍ରାଣ ହୋଇ ମୋଦୀ ଜୀ ଙ୍କର ନାରା ୪୦୦ ପାର ଏବଂ ଓଡ଼ିଶାରେ ଭାଜପା ସରକାର ପାଇଁ ଶପଥ ନେଇଥିଲେ। ଆଗାମୀ ୨୦୨୪ ନିର୍ବାଚନରେ ଗାଁ ର ପୁଅ ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ଏବଂ ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ବାଲିଆ ଗ୍ରାମପଞ୍ଚାୟତରୁ ରେକର୍ଡ ଭୋଟରେ ଜିତାଇବା ପାଇଁ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଶେଷରେ ପଞ୍ଚାୟତ ଉପସଭାପତି ରତିକାନ୍ତ ରାଉତ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

ଜୋନସ୍ତରୀୟ ବିଜେଡିର ମହିଳା ସମାବେଶ ଅନୁଷ୍ଠିତ

ବାରିପଦା, ୨୦/୫ (ନି.ପ୍ର): ବିଜେଡି ପକ୍ଷରୁ ବାରିପଦା ସ୍ଥିତ ତୁଳସୀଚୌରା ଠାରେ ଜୋନସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଛି। ଉକ୍ତ ସମାବେଶରେ ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି ଉପସ୍ଥିତ ରହି ଭୋଟରଙ୍କ ସମର୍ଥନ ପାଇଁ ପ୍ରଚାର କରିଥିଲେ। ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ମହିଳା ମାନେ ସମାବେଶରେ ଉପସ୍ଥିତ ରହିଥିଲେ। ମହିଳା ମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବିଜେଡି ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଯାହାକି ଘର କୋଣରୁ ମହିଳାଙ୍କୁ ବାହାର କରି ଆଜି ସଶକ୍ତକରଣ କରିଛନ୍ତି। ତେଣୁକରି ମହିଳା ମାନେ ବିଜେଡି ସରକାରକୁ ସଦାସର୍ବଦା ସମର୍ଥନ ଜଣାଇ ଆସୁଛନ୍ତି ଆଉ ଜଣାଉଥିବେ ବୋଲି ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି ମତବ୍ୟକ୍ତ କରିଛନ୍ତି। ମହିଳା କର୍ମୀମାନଙ୍କ ଗହଣରେ ନିର୍ବାଚନରେ ଜନ ସମର୍ଥନ ଜଣାଇବା ନେଇ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବାରିପଦା ସହରର ବିକାଶ ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ମତପ୍ରକାଶ କରିଥିଲେ। ବିଜେପି ଦଳ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦେଇଥିବା ବେଳେ ବିଜେଡି ସଦାସର୍ବଦା ଲୋକଙ୍କ ନିକଟରେ ରହି ତାଙ୍କ ସୁଖଦୁଃଖର ସାଥି ହୋଇଛି। ବିଜେପି ସାଂସଦ ଓ ବିଧାୟକ ମାନେ ନିର୍ବାଚନ ଜିତିବା ପରେ ଲୋକଙ୍କ ନିକଟରୁ ଦୁରେଇ ଯାଉଥିବା ବେଳେ ବିଜେଡି ସବୁବେଳେ ଲୋକଙ୍କ ଗହଣରେ ରହୁଛି। ବିଜୁ ଜନତା ଦଳ ପକ୍ଷରୁ ମହିଳା ମାନଙ୍କୁ ଗୁରୁତ୍ୱ ଦେଇଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଯୋଜନା ମାନ ପ୍ରଣୟନ କରିଛନ୍ତି। ୩୩ପ୍ରତିଶତ ମହିଳା ସଂରକ୍ଷଣକୁ ଗୁରୁତ୍ୱ ଦେଇ ଜିଲ୍ଲାର ୪ଗୋଟି ନିର୍ବାଚନ ମଣ୍ଡଳୀରେ ମହିଳା ପ୍ରାର୍ଥନୀ କରିଛି। କିନ୍ତୁ ବିଜେପି

କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇଥିବା ବେଳେ ମହିଳା ସଂରକ୍ଷଣ ପ୍ରତି ଗୁରୁତ୍ୱ ଦେଇନାହିଁ। ତେଣୁକରି ଭୋଟର ମାନେ ଯୋଡି ଶଙ୍ଖରେ ଭୋଟ ଦେଇ ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଓ ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡିଙ୍କୁ ବିଜୟ କରିବା ପାଇଁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଲେ ଜୁଲାଇ ମାସରୁ ଗରୀବ ଲୋକଙ୍କୁ ମାଗଣାରେ ୧୦୦ ୟୁନିଟ୍ ବିଜୁଳି ସହିତ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯିବ ବୋଲି କହିଛନ୍ତି। ଏଥିସହିତ ମିଶନ ଶକ୍ତି ଯୋଜନାରେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମହିଳା ମାନଙ୍କୁ ଋଣ, ୫ବର୍ଷରେ ୨ଲକ୍ଷ ସରକାରୀ ନିଯୁକ୍ତି ପ୍ରଦାନ, ଯୁବକଙ୍କ ପାଇଁ ଏକ ଶହ କୋଟିର ବ୍ୟୟ ବରାଦର ବଜେଟ କରାଯିବ ବୋଲି କହିଛନ୍ତି। ଭୋଟର ମାନେ ନବୀନ ସରକାରଙ୍କ ବିଭିନ୍ନ ଯୋଜନାକୁ ବେଶ ପସନ୍ଦ କରୁଥିବା ବେଳେ ଆଗାମୀ ସାଧାରଣ ନିର୍ବାଚନରେ ବିଜେଡିର ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥଙ୍କୁ ସମର୍ଥନ ଜଣାଇ ସଂସଦ ଓ ବିଧାନସଭାକୁ ପଠାଇବାକୁ ସମସ୍ତଙ୍କୁ ଆଶୀର୍ବାଦ ଲୋଡିଛନ୍ତି। ଉକ୍ତ ନିର୍ବାଚନୀ ସଭା ସ୍ଥାନୀୟ ୱାର୍ଡ କାଉନସିଲର ଅନନ୍ତ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି, ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାନ୍ଦା, ପୂର୍ବତନ ମନ୍ତ୍ରୀ ତଥା ଷ୍ଟାର ପ୍ରଚାରକ ସରୋଜିନୀ ହେମ୍ବ୍ରମ, ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ମହିଳା ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ମହିଳା ନେତ୍ରୀ ଶ୍ରାବଣୀ ଦାସଙ୍କ ସମେତ ବାରିପଦା ପୌରପାଳିକାର ସମସ୍ତ ୱାର୍ଡ କାଉନସିଲର ସମେତ ଅନେକ କର୍ମୀ ଓ ସମର୍ଥକ ଉପସ୍ଥିତ ରହି ସମାବେଶକୁ ସାଫଲ୍ୟ ମଣ୍ଡିତ କରିଥିଲେ।

ପଞ୍ଚୁପାଲିଠାରେ ବିଜେଡ଼ିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

ଲଙ୍ଗଳେଶ୍ୱର , ୨୦/୫ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ଠାରେ ବିଜେଡ଼ିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି ।ପଞ୍ଚାୟତ ସଭାପତି ଅଶୋକ ବେହେରା ସଭାପତିତ୍ୱ କରିଥିଲେ। ପୂର୍ବତନ ସାଂସଦ ରବିନ୍ଦ୍ର କୁମାର ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଥିଲେ। ବିଧାୟିକା ପ୍ରାର୍ଥୀନୀ ସୁବାସିନୀ ଜେନା ଯୋଗଦେଇ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରିଛନ୍ତି ନବୀନ ସରକାର। ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବରିଷ୍ଠ ନେତା ଚକ୍ରଧର ଗିରି, ପୂର୍ବତନ ସରପଞ୍ଚ ବଟକୃଷ୍ଣ ଗିରି, ପ୍ରଦୀପ କୁମାର ଜେନା, ନାରୀନେତ୍ରୀ ସାରଦା ଗିରି, ପ୍ରମୁଖ ଯୋଗଦେଇ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ଏହି ସଭାରେ ଅନ୍ୟ ଦଳରୁ କର୍ମୀ ମାନେ ବିଜେଡ଼ିରେ ମିଶିଥିଲେ।

ପଂଚାୟତରେ ବିଜେଡିର ନିର୍ବାଚନୀ ପ୍ରଚାର

କେନ୍ଦ୍ରାପଡ଼ା, ୨୦/୫ (ନି.ପ୍ର): କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନ ଆୟବା ପଂଚାୟତରେ ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର ଓ ଭୋଟର ସଚେତନତା କାର୍ଯ୍ୟକ୍ରମ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ କେନ୍ଦ୍ରାପଡ଼ା ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରା କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଶାସନ ଓ ବିକାଶ କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ଶଙ୍ଖ ଚିହ୍ନଟରେ ଦୁଇଥର ଭୋଟ ଦେଇ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କୁ ଜିତାଇବା ପାଇଁ ଭୋଟରମାନଙ୍କୁ ନିବେଦନ କରିଥିଲେ।

ନିର୍ବାଚନ କାର୍ଯ୍ୟରେ ଅବହେଳା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଢ କାର୍ଯ୍ୟାନୁଷ୍ଠାନ : ଜଣେ ନିଲମ୍ବିତ, ୧୪ ଜଣଙ୍କ ଦରମା ବନ୍ଦ

ବାରିପଦା , ୨୦/୫ (ନି.ପ୍ର): ଚଳିତ ଲୋକସଭା ଓ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ମୟୁରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗର କିଛି କର୍ମଚାରୀ ଠିକ ସମୟରେ ତଥ୍ୟ ଦେଇନଥିବାରୁ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଚଳିତ ମାସ ୧୩ ତାରିଖରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ ଓ ନୋଟିସ ପାଲ୍ଟା ମାତ୍ରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ତୁରନ୍ତ ତଦନ୍ତ କରି କାର୍ଯ୍ୟରେ ଅବହେଳା କରିଥିବା ୨୨ ଜଣ ପ୍ରଧାନ ଶିକ୍ଷକ / ଶିକ୍ଷୟତ୍ରୀଙ୍କୁ କୈଫତ ତଳବ କରିଥିଲେ ଓ କୈଫତ ନ ଦେବା ହେତୁ ଜଣେ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ନିଲମ୍ବନ କରିବା ସହ ସନ୍ତୋଷ ଜନକ କୈଫତ ନ ଦେଇଥିବା ୧୨ ଜଣ ଶିକ୍ଷକ / ଶିକ୍ଷୟତ୍ରୀଙ୍କ ଦରମା ବନ୍ଦ କରିଛନ୍ତି ଓ ତତସହିତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଜଣେ ବରିଷ୍ଠ ଓ ଜଣେ କନିଷ୍ଠ କିରାଣୀଙ୍କ ଦରମା ମଧ୍ୟ ସ୍ଥଗିତ କରାଯାଇଛି ବୋଲି ଶ୍ରୀ ସେଠୀ ଜଣାଇଛନ୍ତି ।

ଦେଶି ମଦ ଚାଲାଣ ବେଳେ ଚଢ଼ଉ: ଜଣେ ଗିରଫ

ଜୟପୁର, ୨୦/୫ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢଉ କରାଯାଇ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା କୁଦୁରା ଥାନା ଅନ୍ତର୍ଗତ ଲାଛନାଗୁଡା ଗ୍ରାମର ବୁଟୁ ବିଷୋୟୀ । ଅବକାରି ଥାନାର ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ହେଲା କୁଦୁରା ଥାନା ଅନ୍ତର୍ଗତ ଲାଛନାଗୁଡା ଗ୍ରାମର ବୁଟୁ ବିଷୋୟୀ। ସେ ଏକ ବାଇକରେ ଦେଶି ମଦ ଧରି ଜୟପୁର ସହରକୁ ଚାଲାଣ କରୁଥିଲେ । ଅବକାରି ବିଭାଗ ରାସ୍ତାରେ ଚଢଉ କରିଥିଲା । ଚଢଉ କରି ବାଇକ ସହ ୫୫ ଲିଟର ଦେଶି ମଦ ଜବତ କରି ଅଭିଯୁକ୍ତକୁ ଗିରଫ କରିଥିଲା ।

ରେଢାଖୋଲ ଏବଂ ଆଠମଲ୍ଲିକରେ 'ବିଜୟ ସଂକଳ୍ପ ସମାବେଶ'ରେ କେନ୍ଦ୍ରମନ୍ତ୍ରୀ

ରେଢାଖୋଲ/ଆଠମଲ୍ଲିକ, ୨୦/୫ (ନି.ପ୍ର): ପର ଘର ତିଅଣରେ ଅତିଥି ସତ୍କାର କରିବାରେ ମୁଖ୍ୟମନ୍ତ୍ରୀ ସିଦ୍ଧହସ୍ତ । ନରେନ୍ଦ୍ର ମୋଦୀଙ୍କ ସରକାର ଏସଏଚଜି ଭଉଣୀଙ୍କ ପାଇଁ ବ୍ୟାଙ୍କରୁ ଋଣ ଦେବାର ବ୍ୟବସ୍ଥା କଲେ । ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ ଦେବାର ସୁବିଧା କଲେ । କିନ୍ତୁ ଏ ବିଜେଡି ସରକାର ଏସବୁକୁ ନିଜ ଯୋଜନା କହି ମିଛ ପ୍ରଚାର କରୁଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରବିବାର ସମ୍ବଲପୁର ସଂସଦୀୟ କ୍ଷେତ୍ରର ରେଢାଖୋଲ ଏବଂ ଆଠମଲ୍ଲିକରେ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡ଼ିଶାର ୩ କୋଟି ୨୬ ଲକ୍ଷରୁ ଅଧିକ ଲୋକ ଉପକୃତ ହେଉଛନ୍ତି । ଏହି ଯୋଜନାରେ ମୋଦୀ ଲୋକମାନଙ୍କୁ ମାଗଣାରେ ଜଣକ ପିଛା ୫ କେଜି ଚାଉଳ ଦେଲେ । କିନ୍ତୁ ନବୀନ ସରକାର ମୁଣି ଦେଇ ଚାଉଳ ନିଜେ ଦେବାର ମିଛ ପ୍ରଚାର କଲେ । ସେହିପରି ଏସଏଚଜି ମୋଦୀ ସରକାରଙ୍କ କାର୍ଯ୍ୟକ୍ରମ । ଏସଏଚଜି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଭାରତ ସରକାରଙ୍କ ବ୍ୟାଙ୍କରୁ ଋଣ ଦେବାର ଦାୟିତ୍ୱ ମୋଦୀ ନେଇଛନ୍ତି । ମୋଦି ସରକାର ଏସଏଚଜି ଭଉଣୀଙ୍କୁ ୧୧ ପ୍ରତିଶତ ସୁଧରେ ଦେଉଥିବା ଋଣର ୭ ପ୍ରତିଶତ ପରିଶୋଧ କରୁଛନ୍ତି । କିନ୍ତୁ ସ୍ୱଚ୍ଛ କିଛି ଋଣ ପରିଶୋଧ କରି ନବୀନ ସରକାର ଏସଏଚଜିକୁ ଋଣ ଦେବାର ଶ୍ରେୟ ନେଉଛନ୍ତି । ସତ କଣ ଲୋକମାନେ ବୁଝିଲେଣି । ଦୀର୍ଘ ୨୫ ବର୍ଷ ଧରି ଯେଉଁମାନେ ଓଡ଼ିଶାବାସୀଙ୍କ ସହ ପ୍ରତାରଣା କଲେ ସେମାନଙ୍କୁ ଶାସନ ଗାଦିରୁ ହଟାଇବା ପାଇଁ ଲୋକମାନେ ମନ ବନାଇସାରିଛନ୍ତି । ୨୪ ବର୍ଷର ସ୍ଥିର ସରକାର ରହିବା ପରେ ମଧ୍ୟ ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶା ଯେଉଁଭଳି ସ୍ଥିତିରେ ରହିବା କଥା, ସେଭଳି

ସ୍ଥିତିରେ ନାହିଁ । ଜଳ ଜୀବନ ମିଶନରେ ମୋଦୀ ସରକାର ୧୦ ହଜାର କୋଟି ଦେବା ପରେ ବି ଘରେ ଘରେ ପିଇବା ପାଣି ପହଞ୍ଚିପାରିଲା ନାହିଁ । ଆଠମଲ୍ଲିକ ଓ ରେଢାଖୋଲରେ ପାନୀୟ ଜଳ, ଜଳସେଚନ, ଶୀତଳଭଣ୍ଡାର, ଶିକ୍ଷା, ସ୍ୱାସ୍ଥ୍ୟର ସ୍ଥିତି କଣ ? ଲୋକମାନେ ବାହାରକୁ ଦାଦନ ଖଟିବା ପାଇଁ ଯାଉଛନ୍ତି । ଏହା ଉପରେ ପ୍ରଶ୍ନ କଲେ ବିଜେପି ଅଶାଳୀନ ଶବ୍ଦ ବ୍ୟବହାର କରାଯିବା କଥା କୁହାଯାଉଛି । ଆଦିବାସୀଙ୍କ ଜମିକୁ ବିକ୍ରି କରିବା ପାଇଁ କ୍ୟାବିନେଟ୍ ?ରେ ନିଷ୍ପତି ନେଇଥିବା ଲୋକମାନେ ହିଁ ଆଦିବାସୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ଯିଏ ଆଦିବାସୀଙ୍କ ଜମିକୁ ବିକିବାର ନିଷ୍ପତ୍ତି କ୍ୟାବିନେଟ୍‌ରେ ନିଏ, ସେ ଆଦିବାସୀଙ୍କର କେବେ ହୋଇପାରିବ ନାହିଁ । ୨୫ ବର୍ଷର ଅପରାଗ, ଦୁର୍ନୀତିଗ୍ରସ୍ତ, ଲୁଟେରା ସରକାରକୁ ବଦଳାଇବା ପାଇଁ ଲୋକେ ନିଷ୍ପତ୍ତି ନେଇଛନ୍ତି । ପ୍ରଧାନମନ୍ତ୍ରୀ ନିଜେ ଓଡ଼ିଶାର ଜନସାଧାରଣଙ୍କୁ

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ମଙ୍ଗଳବାର, ୨୧ ମଇ ୨୦୨୪

ମାନସିକ ଚାପ ଓ ଉପଚାର

ବର୍ତ୍ତମାନର ଧାଁ ଦୌଡ଼ଭରା ଜୀବନ ଚର୍ଯ୍ୟାରେ କାମର ଚାପ ବଢ଼ିଚାଲିଛି । ବିଶେଷକରି ଅଧିକ ଅର୍ଥ ରୋଜଗାର, ଚାକିରି କ୍ଷେତ୍ରରେ ପ୍ରତିଦ୍ୱନ୍ଦିତା, ପିଲାଙ୍କ ଉପରେ ପାଠପଢ଼ାର ଚାପ ଆଦି ଯୋଗୁଁ ମାନସିକ ଦୁଶ୍ଚିନ୍ତା ବା ଚାପ ବଢ଼ିବାରେ ଲାଗିଛି । ମାନସିକ ଚାପର ଲକ୍ଷଣ ଦେଖାଯିବା ମାତ୍ରେ ତାହା ଦୂର କରିବା ନିମନ୍ତେ ଯତ୍ନବାନ ହେବା ଉଚିତ ।

ଆଜିର ବ୍ୟସ୍ତବହୁଳ ଜୀବନରେ ଅଧିକାଂଶ ଲୋକ ବିଭିନ୍ନ କାରଣରୁ ମାନସିକ ଚାପର ଶିକାର ହେଉଛନ୍ତି, ଯାହାକି ସେମାନଙ୍କ ବ୍ୟକ୍ତିଗତ, ବୃତ୍ତିଗତ ଓ ସାମାଜିକ ଜୀବନକୁ ଖୁବ୍ ପ୍ରଭାବିତ କରୁଛି । ଅତ୍ୟଧିକ ମାନସିକ ଚାପ ଦ୍ୱାରା ବ୍ୟକ୍ତିର ବୌଦ୍ଧିକ ବିକାଶ ମଧ୍ୟ ବାଧାପ୍ରାପ୍ତ ହୁଏ । ପୂର୍ବରୁ ଭରତୀୟମାନେ ଏକ ଶାନ୍ତଶିଷ୍ଟ ତଥା ଚାପମୁକ୍ତ ଜୀବନଯାପନ କରୁଥିଲେ ଏବଂ କେବଳ ପାଶ୍ଚାତ୍ୟ ଦେଶର ଲୋକମାନେ ମାନସିକ ଚାପଗ୍ରସ୍ତ ରହୁଥିଲେ । ହେଲେ ବିଜ୍ଞାନର ଦ୍ରୁତ ଅଗ୍ରଗତି ଏବଂ ଜୀବନଶୈଳୀରେ ଘୋର ପରିବର୍ତ୍ତନ ଫଳରେ ଏବେ ପରିସ୍ଥିତି ଏମିତି ହେଲାଣି ଯେ, ଭାରତୀୟମାମାନେ ମଧ୍ୟ ଅନେକ ମାତ୍ରାରେ ମାନସିକ ଚାପଗ୍ରସ୍ତ ହୋଇସାରିଲେଣି । ଫଳସ୍ୱରୁପ ବିଭିନ୍ନ ପ୍ରକାରର ମାନସିକ ରୋଗ ଓ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ହେବାରେ ଲାଗିଛି । ମୁଖ୍ୟତଃ ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଏହାର ଶିକାର ହେଉଛନ୍ତି । ୨୦୧୬ ମସିହା ପ୍ରଥମାର୍ଦ୍ଧରେ ୨,୦୦,୦୦୦ କର୍ପୋରେଟ୍ କର୍ମଚାରୀଙ୍କୁ ନେଇ ହୋଇଥିବା ଏକ ଅନଲାଇନ୍ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭାରତରେ ୪୬%ରୁ ଅଧିକ କର୍ମଚାରୀ ମାନସିକ ଚାପଗ୍ରସ୍ତ ।

ମାନସିକ ଚାପ କ'ଣ ?

କୌଣସି କଥା ବା ବିଷୟକୁ ନେଇ ଅତ୍ୟଧିକ ଚିନ୍ତିତ ହେବା ବା ଦୁଃଖୀ ହେବା । ପ୍ରତିକୂଳ ପରିସ୍ଥିତିରେ ସୃଷ୍ଟି ହେଉଥିବା ଏକ ମାନସିକ ଅବସ୍ଥା ।

ମାନସିକ ଚାପରେ ଥିବା ବ୍ୟକ୍ତିର ମନ ସବୁବେଳେ ଅଶାନ୍ତ ଥାଏ ଏବଂ ତାହାର ଭାବନା ସ୍ଥିର ରହିପାରେ ନାହିଁ । ଠିକ୍ ଏବଂ ଭୁଲର ବିଚାର କରିବାରେ ବେଳେବେଳେ ଅସମର୍ଥ ହୋଇଥାଏ । ଏହା ଉଭୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ ।

ମାନସିକ ଚାପର କାରଣ କ'ଣ ?

- ◈ ଜୀବନରେ କିଛି ବଡ଼ ଦୁର୍ଘଟଣା ଘଟିବା
- ◈ ଶିକ୍ଷାନୁଷ୍ଠାନରେ କୌଣସି ପ୍ରକାରର ଚାପ
- ◈ ପ୍ରେମରେ ବିଫଳ
- ◈ ଯୌନ ସମସ୍ୟା
- ◈ ପାରିବାରିକ ସମ୍ପର୍କରେ ଫାଟ ସୃଷ୍ଟିହେବା
- ◈ ଘନିଷ୍ଠ ସମ୍ପର୍କୀୟଙ୍କ ମୃତ୍ୟୁ
- ◈ ଆର୍ଥିକ ସମସ୍ୟା
- ◈ କାର୍ଯ୍ୟକ୍ଷେତ୍ରରେ ଅତ୍ୟଧିକ ଚାପ
- ◈ ଚାକିରି ବା କାମର ପରିବର୍ତ୍ତନ
- ◈ ଲକ୍ଷ୍ୟ ହାସଲ କରି ନ ପରିବା
- ◈ କାମରେ ଅତ୍ୟଧିକ ମଜ୍ଜି ରହିବା
- ◈ ଛୁଟି ନ ମିଳିବା
- ◈ ଚାକିରି ଚାଲିଯିବା
- ◈ ରିଟାୟାର୍ମେଣ୍ଟ ପର ଜୀବନଶୈଳୀ ସହ ଖାପ ଖୁଆଇ ନ ପାରିବା
- ◈ ଅତ୍ୟଧିକ ଭାବିବା
- ◈ ନକରାତ୍ମକ ଚିନ୍ତା କରିବା
- ◈ ଆଇନଗତ ସମସ୍ୟା
- ◈ ଆତ୍ମବିଶ୍ୱାସ କମିଯିବା
- ◈ ନିଜ ଭିତରେ ଖାଲି ଦୁର୍ବଳତା ଖୋଜିବା
- ◈ ବିଶୃଙ୍ଖଳିତ ଜୀବନଶୈଳୀ ଇତ୍ୟାଦି ।

ମାନସିକ ଚାପର ଲକ୍ଷଣ ?

- ◈ ଭୟଭୀତ ହୋଇ ରହିବା
- ◈ ବିଷାଦଗ୍ରସ୍ତ ହେବା
- ◈ ସ୍ମରଣ ଶକ୍ତି ହ୍ରାସ ପାଇବା
- ◈ ଅଧୈର୍ଯ୍ୟ ହେବ
- ◈ ଏକାଗ୍ରତା ନ ରହିବା
- ◈ ହାଲିଆ ଲାଗିବା
- ◈ ଝାଳ ବହୁତ ବାହାରିବା ଓ ଦେହ ଥରିବା
- ◈ ମତେ କେହି ପସନ୍ଦ କରୁନାହାନ୍ତି ଭଳି ଭବନା ଆସିବା
- ◈ ନଖକୁ ସବୁବେଳେ କାମୁଡ଼ିବା
- ◈ କୌଣସି ଗୋଟିଏ ଜାଗାକୁ ଅପଲକ ନୟନରେ ଅନାଇ ରହିବା ।

ଉପଚାର

- ◈ ଆଦୌ ଦ୍ୱିଧା ନ କରି ଜଣେ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରାଯାଇପାରେ ।
- ◈ କୌଣସି ପ୍ରକାରର ନିଶା ସେବନ କରନ୍ତୁ ନାହିଁ
- ◈ ଆରାମ କରନ୍ତୁ ଏବଂ ଦିନକୁ ଅତି କମରେ ୭ଘଣ୍ଟା ଶୋଇବାକୁ ଚେଷ୍ଟା କରନ୍ତୁ ।
- ◈ କୌଣସି ବିଷୟରେ ବେଶି ଚିନ୍ତା କରନ୍ତୁ ନାହିଁ
- ◈ ଯେତେ ସମ୍ଭବ ନିଜକୁ ଚାପମୁକ୍ତ ରଖନ୍ତୁ ।
- ◈ ବିଭିନ୍ନ ପର୍ଯ୍ୟଟନସ୍ଥଳି ଭ୍ରମଣ କରନ୍ତୁ ।
- ◈ ମନକୁ ବ୍ୟବସ୍ଥିତ କରନ୍ତୁ ଏବଂ ଦୃଢ଼ମନା ହୁଅନ୍ତୁ ।
- ◈ ଭଲ ଭଲ ପୁସ୍ତକ ଅଧ୍ୟୟନ କରନ୍ତୁ
- ◈ ନିଜ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି କରନ୍ତୁ । ପ୍ରତିଦିନ ଯୋଗ, ପ୍ରାଣାୟାମ କରନ୍ତୁ । ପରିବାରର ସଦସ୍ୟ, ବନ୍ଧୁ ପରିଜନଙ୍କ ଗହଣରେ ସମୟ ବିତାନ୍ତୁ । ଏକ ଶୃଙ୍ଖଳିତ ଏବଂ ସନ୍ତୁଳିତ ଜୀବନଶୈଳୀ ଆପଣାନ୍ତୁ ।ସମୟାନୁବର୍ତ୍ତୀ ହୁଅନ୍ତୁ । ସବୁବେଳେ ସକାରାତ୍ମକ ଚିନ୍ତାଧାରା ରଖନ୍ତୁ ।

ମନୁଷ୍ୟ ଜୀବନ ଅତି ମୂଲ୍ୟବାନ । ପ୍ରତ୍ୟେକ ମୁହୂର୍ତ୍ତକୁ ଠିକ୍ ଭାବେ ଉପଯୋଗ କରିବା ଉଚିତ, ଠିକ୍ ଭାବେ ଉପଭୋଗ କରିବା ଉଚିତ । ଚାପମୁକ୍ତ ରହିବା ଦ୍ୱାରା ଆୟୁଷ ବୃଦ୍ଧି ପାଏ । ତେଣୁ ପାରୁ ପର୍ଯ୍ୟନ୍ତ ମାନସିକ ଚାପଠୁ ଦୂରେଇ ଏକ ଉତ୍ତମ ଜୀବନ ଯାପନ କରନ୍ତୁ ।

ସ୍ୱାସ୍ଥ୍ୟପ୍ରଦ ଷ୍ଟ୍ରିଟ୍ ଫୁଡ୍

ଭାରତୀୟ ଖାଦ୍ୟ ସମଗ୍ର ବିଶ୍ୱରେ ବେଶ୍ ଲୋକପ୍ରିୟ । ତେବେ ଭାରତୀୟ ଷ୍ଟ୍ରିଟ୍ ଫୁଡ୍ ବା ରାସ୍ତାକଡ଼ ଖାଦ୍ୟର ଏକ ସ୍ୱତନ୍ତ୍ର ଚାହିଦା ରହିଛି । ଗୁପଚୁପ୍ ଠାରୁ ଆରମ୍ଭ କରି କଚୋଡ଼ି, ସିଙ୍ଗଡ଼ା ଓ ଢୋକଲା ଯାଏ ରାସ୍ତାକଡ଼ରେ ଏପରି ବହୁବିଧ ବ୍ୟଞ୍ଜନ ଉପଲବ୍ଧ । ତେବେ ଆମେ ଅଧିକ ସ୍ୱାସ୍ଥ୍ୟ ସଚେତନ ହେବା ସହିତ ଏହିସବୁ ରାସ୍ତାକଡ଼ ଖାଦ୍ୟ ପ୍ରତି ଆଗ୍ରହ କମି କମି ଯାଉଛି । ଏଗୁଡ଼ିକ ତୈଳାକ୍ତ, ମସଲାରେ ପରିପୂର୍ଣ୍ଣ ଓ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ବୋଲି ବିବେଚନା କରାଯାଏ । ତେବେ ସେଥି ମଧ୍ୟରେ ଏଭଳି କିଛି ଖାଦ୍ୟ ରହିଛି ଯାହା ସୁଆଦିଆ ହେବା ସହ ସ୍ୱାସ୍ଥ୍ୟପ୍ରଦ ମଧ୍ୟ । ସେଥି ମଧ୍ୟରେ କନ୍ଦମୂଳ ଚାଟ୍ ଅନ୍ୟତମ । ଭାରତରେ ଚାଟ୍ ହେଉଛି ସବୁଠୁ ଲୋକପ୍ରିୟ ରାସ୍ତାକଡ଼ ଖାଦ୍ୟ, ଯାହା ମୁଖ୍ୟ ଉପାଦାନ ଅନୁଯାୟୀ ଭିନ୍ନ ଭିନ୍ନ ରୂପରେ ମିଳିଥାଏ । ଆଳୁ ଚାଟ୍ ଯଦିଓ ସୁଆଦିଆ, ତେବେ ସେଥିରେ ସିଝା ଆଳୁକୁ ତେଲରେ ଭଜାଯାଇଥିବାରୁ ତାହା ସ୍ୱାସ୍ଥ୍ୟକର ନୁହେଁ । ସେ ଦୃଷ୍ଟିରୁ କନ୍ଦମୂଳ ଚାଟ୍ ଅଧିକ ପସନ୍ଦଯୋଗ୍ୟ । କାରଣ ଏଥିରେ ସିଝା କନ୍ଦମୂଳକୁ ସିଧାସଳଖ ମସଲା ଓ ଅନ୍ୟାନ୍ୟ ଉପାଦାନ ସାଙ୍ଗରେ ମିଶାଯାଇଥାଏ । ସେହିପରି ଭେଲପୁରି ହେଉଛି ରାସ୍ତାକଡ଼ ଖାଦ୍ୟର ଅନ୍ୟତମ ସ୍ୱାସ୍ଥ୍ୟପ୍ରଦ ବିକଳ୍ପ । ଏହା କମ୍ କ୍ୟାଲୋରିଯୁକ୍ତ ହୋଇଥିବାରୁ ଏହାକୁ ପ୍ରମୁଖ ଜଳଖିଆ ଭାବେ ଗ୍ରହଣ କରିହେବ । ସେହିପରି କବାବ ଓ ଟିକ୍କା ହେଉଛି ଶ୍ରେଷ୍ଠ ସ୍ୱାଦିଷ୍ଟ ରାସ୍ତାକଡ଼ ଖାଦ୍ୟ । ବିଭିନ୍ନ ପନିପରିବା ସମେତ ପନିର, ଛତୁ ଠାରୁ ଆରମ୍ଭ କରି ଚିକେନ୍, ମାଛ ଓ ମଟନ୍ ଯାଏ ବିଭିନ୍ନ ପ୍ରକାରର କବାବ ଉଭୟ ଆମିଷାଶୀ ଓ ନିରାମିଷାଶୀ ଗ୍ରାହକଙ୍କ ରୁଚିକୁ ସମ୍ମାନ ଦେଇଥାଏ । ସେହିପରି ସିଝା ଓ ପୋଡ଼ା ମକା ହେଉଛି ଅନ୍ୟ ଏକ ଲୋଭନୀୟ ରାସ୍ତାକଡ଼ ଖାଦ୍ୟ । ଏଥିରେ କୌଣସି ପ୍ରକାର ତେଲ କି ମସଲା ବ୍ୟବହାର ହୋଇନଥାଏ । ଉଚ୍ଚମାନର ତନ୍ତୁଜ ଦ୍ରବ୍ୟ ଥିବା ମକା ନିଶ୍ଚିତ ଭାବରେ ସ୍ୱାସ୍ଥ୍ୟପ୍ରଦ ।

ଟ୍ରେନରେ ସ୍ୱାଦିଷ୍ଟ ବ୍ୟଞ୍ଜନର ମଜା

ଟ୍ରେନରେ ପରଷା ଯାଉଥିବା ଅସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ ନେଇ ଯାତ୍ରୀଙ୍କ ନିୟମିତ ଅଭିଯୋଗ ବର୍ତ୍ତମାନ ଭାରତୀୟ ରେଳ ବିଭାଗ କାନରେ ପଡ଼ିଛି । ମିଳିଥିବା ଖବର ମୁତାବକ ଖୁବଶୀଘ୍ର ଯାତ୍ରୀମାନେ ସମ୍ମୁଖିତ ହେଉଥିବା ଏହି ଏହି ସମସ୍ୟାର ସମାଧାନ ହେବାକୁ ଯାଉଛି । ରେଳଯାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଧ୍ୟାନରେ ରଖି ଭାରତୀୟ ରେଳ ବିଭାଗ ଦ୍ୱାରା ଟ୍ରେନରେ ସଠିକ ଗୁଣ ଯୁକ୍ତ ଖାଦ୍ୟ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଯାହା କୌଣସି ଫାଇଭ୍ ଷ୍ଟାର ହୋଟେଲର ଖାଦ୍ୟ ଠାରୁ କମ୍ ହେବ ନାହିଁ । ଏହାଦ୍ୱାରା ସେମାନେ ଟ୍ରେନରେ ବସି ରେଷ୍ଟୁରାଣ୍ଟ ପରି ଖାଦ୍ୟର ମଜା ନେଇ ପାରିବେ । ଯାତ୍ରୀଙ୍କୁ ବିଶେଷ ଖାଦ୍ୟ ଦେବା ପାଇଁ ରେଳ ବିଭାଗ ତରଫରୁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ଆଇଆରସିଟିସି ଦ୍ୱାରା ଏଥିପାଇଁ ସୁବିଧା କରାଯାଇଛି । ଯାହା ସାହାଯ୍ୟରେ ଟ୍ରେନ୍‌ରେ ଯାତ୍ରୀଙ୍କ ଦିଆଯାଉଥିବା ଖାଦ୍ୟର ସଠିକ୍ ପରୀକ୍ଷା ହେବ । ଯାହା ଫଳରେ ଯାତ୍ରୀମାନେ ହୋଟେଲରେ ପ୍ରସ୍ତୁତ ବ୍ୟଞ୍ଜନର ସ୍ୱାଦ ଟ୍ରେନ୍‌ରେ ତିଆରି ଖାଦ୍ୟରୁ ପାଇପାରିବେ ।

ପରଫେକ୍ଟ ଲାଇଫ ଷ୍ଟାଇଲ

ସମୟ ବଦଳୁଛି, ତା ସହ ଜୀବନଶୈଳୀ । ତେବେ ସୁସ୍ଥ ଆଉ ସୁନ୍ଦର ଜୀବନଶୈଳୀ ପାଇଁ ଆପଣନ୍ତୁ କୋତୋଟି କଥା, ଯେମିତିକି ଆପଣ ହୋଇପାରିବେ ପରଫେକ୍ଟ ଲାଇଫ୍ ଷ୍ଟାଇଲର ଅଧିକାରୀ ...

ଏପରି କରନ୍ତୁ ଦିନର ଆରମ୍ଭ:-

ସକାଳୁ ଶୀଘ୍ର ଉଠନ୍ତୁ । ନିତ୍ୟକର୍ମ ସାରି କିଛି ସମୟ ଏକ୍ସରସାଇଜ କିମ୍ବା ମେଡିଟେଶନ କରନ୍ତୁ । କାରଣ ଏହାର ପ୍ରଭାବ ଜୀବନଶୈଳୀ ଉପରେ କଣ ପଡ଼େ ତାହା ଅନୁଭବୀ ହିଁ ଜାଣେ । ଏହାପରେ ବ୍ରେକଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ । ରାତିରେ ଅତିକମ୍‌ରେ ୬/୭ ଘଣ୍ଟା ଶୁଅନ୍ତୁ । କାରଣ ପରିଶ୍ରମ ଅନୁସାରେ ଉପଯୁକ୍ତ ବିଶ୍ରାମ ଶରୀରକୁ ଫିଟ ରଖିବା ସହ ସକାରାତ୍ମକ ମାନସିକତା ଦିଗରେ ସହାୟକ ହୋଇଥାଏ । ଦିନକୁ ୮ଗ୍ଲାସ ପାଣି ପିଅନ୍ତୁ । ଲଞ୍ଚ, ଡିନର ଠିକ୍ ସମୟରେ ଶେଷ କରିବା ସହ ତଟକା ଫଳମୂଳ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ ।

ବନ୍ଧୁପରିଜନଙ୍କ ସହ ସୁସମ୍ପର୍କ ରଖନ୍ତୁ । ବ୍ୟସ୍ତ ଜୀବନ ମଧ୍ୟରୁ ବନ୍ଧୁ ପରିଜନଙ୍କ ପାଇଁ କିଛି ସମୟ ବାହାର କରନ୍ତୁ । ସେମାନଙ୍କ ସହ ସୁସମ୍ପର୍କ ରଖିଲେ ଆପଣଙ୍କ ଲାଇଫ୍ ଷ୍ଟାଇଲରେ ବହୁତ ପରିବର୍ତ୍ତନ ଆସିଥାଏ । ପର୍ବପର୍ବାଣି କିମ୍ବା ଛୁଟିଦିନରେ ଆପଣ ଏହାର ମଜା ଉଠାଇପାରିବେ ।

ଟାଇମମ୍ୟାନେଜମେଣ୍ଟ:-

ଟାଇମ୍ ମ୍ୟାନେଜମେଣ୍ଟ କରିପାରୁଥିବା କବିତା, ଗପ ଲେଖିବା, ବହି ପଢ଼ିବା ଇତ୍ୟାଦି । ଏପରି କରିବା ଦ୍ୱାରା କାର୍ଯ୍ୟ କରିବାର ଆଗ୍ରହ ଓ ଉତ୍ସାହ ବଢ଼ଇଥାଏ ।

ନିଜ ଇଚ୍ଛା କମ୍ କରନ୍ତୁ:- ଆପଣଙ୍କ ଇଚ୍ଛା ଓ ଅଭିଳାଷ ଅଧିକ ହେଲେ ସମସ୍ୟାର ମାତ୍ରା ବଢ଼ିଥାଏ । କିନ୍ତୁ ଏହାର ବିପରୀତ ଦିଗ ଦେଖିଲେ ସମସ୍ୟା କମ୍ ଲାଗିଥାଏ । ଇଚ୍ଛା ଓ ଅଭିଳାଷ ଉପରେ ଆପଣ ଯେତେ ନିୟନ୍ତ୍ରଣ ରଖିବେ ଜୀବନରେ ଟେନସନ୍‌ଠାରୁ ସେତେ ଦୂରରେ ରହିବେ ।

ଅତୀତକୁ ଭୁଲିଯାଆନ୍ତୁ:-

ଯଦି ଆପଣଙ୍କ ଜୀବନରେ ଅତୀତରେ କେବେ କୌଣସି ଅପ୍ରୀତିକର ବା ଦୁଃଖଦ ଘଟଣା ଘଟିଛି ତେବେ ସେହି ସ୍ମୃତିକୁ ବାରମ୍ବାର ମନେ ପକାନ୍ତୁ ନାହିଁ । ଅତୀତକୁ ଭୁଲି ବର୍ତ୍ତମାନରେ ଚାଲିବାଟା ଠିକ୍ । ଅତୀତକୁ ସବୁବେଳେ ମନେ ପକାଇଲେ ଆପଣ ବର୍ତ୍ତମାନର ମଜା ଉଠାଇପାରିବେ ନାହିଁ ।

ଟେନସନ ଠାରୁ ଦୂରରେ ରୁହନ୍ତୁ:-

ଆଜିକାଲି ଘରେ ହେଉ ବା ବାହାରେ ପ୍ରତିଟି ଜାଗାରେ କିଛି ନା କିଛି ଟେନସନ୍ ଲାଗି ରହୁଛି । ଏହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଏଥିପାଇଁ ବ୍ଲଡପ୍ରେସର ଅସନ୍ତୁଳିତ ରହିଥାଏ । ନିଦ ଉପରେ ପ୍ରଭାବ ପଡ଼ିଥାଏ । ପର୍ଯ୍ୟପ୍ତ ନିଦ ନ ହେଲେ ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ । ତ୍ୱଚା ଉପରେ ମଧ୍ୟ ଏହାର ଖୁବ୍ ପ୍ରଭାବ ପଡ଼ିଥାଏ ।

ଅଯଥା ଯୁକ୍ତିତର୍କ କରନ୍ତୁ ନାହିଁ:-

ନିରର୍ଥକ ଯୁକ୍ତିତର୍କ କରିବା ଠାରୁ ଦୂରରେ ରୁହନ୍ତୁ । ଏହା କେବଳ ସମୟର ଅପଚୟ କରିଥାଏ ।

ଆପଣ ସବୁବେଳେ ଦୁର୍ବଳ ଅନୁଭବ କରୁଛନ୍ତି କି; କରନ୍ତୁ ଏହି ଯୋଗ, ଶରୀରରେ ଖେଳିଯିବ ଶକ୍ତି



ଦିନ ସାରା କ୍ଲାନ୍ତ ଲାଗିବା ଅବସ୍ଥାକୁ କ୍ରନିକ୍ ଫଟିଗ୍ ସିଣ୍ଡ୍ରୋମ କୁହାଯାଏ । ଏଭଳି ଥକାପଣ ଏବଂ ଆପଣ ଦିନସାରା ଶୋଇଲେ ବି କିଛି ଲାଭ ହୁଏନି । ଏପରି ପରିସ୍ଥିତିରେ, ଥକାପଣ ଏବଂ ଦୁର୍ବଳତାର ପାଇଁ ଆପଣ ଯୋଗ କରିପାରିବେ । ଆଜିକାଲିର ଖରାପ ଜୀବନଶୈଳୀ, ଖାଦ୍ୟରେ ଗଡବଡ ଏବଂ ଲୋକମାନେ ଅନେକ ଶାରୀରିକ ଏବଂ ମାନସିକ ସମସ୍ୟାର ଶିକାର ହେଉଛନ୍ତି । ଏମିତି ଅବସ୍ଥାରେ ଅନୁଭବ କରିବା ସ୍ୱାଭାବିକ । ଆପଣ ବିଶ୍ରାମ ନିଅନ୍ତି ବା କିଛି କାମ ନ କରନ୍ତୁ କିନ୍ତୁ ଆଭ୍ୟନ୍ତରୀଣ କ୍ଲାନ୍ତ ଅନୁଭବ କରନ୍ତି । ଏହି ଅବସ୍ଥାକୁ କ୍ରନିକ୍ ଫଟିଗ୍ ସିଣ୍ଡ୍ରୋମ କୁହାଯାଏ । ଏଭଳି ଥକାପଣ ଏବଂ ଆପଣ ଦିନସାରା ବିଛଣାରେ ଶୋଇବାକୁ ଚାହାଁନ୍ତି । ତଥାପି, ଶରୀରରେ ଏତେ ଶକ୍ତି ଅଭାବ ରୁହେ ଦୁର୍ବଳ ଲାଗେ । ଏପରି ପରିସ୍ଥିତିରେ, ଥକାପଣ ଏବଂ ଦୁର୍ବଳତାର ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଯୋଗ କେବଳ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଏ ନାହିଁ ବରଂ ଆପଣଙ୍କ ଉର୍ଜାକୁ ମଧ୍ୟ ଭାବରେ ଆପଣଙ୍କ ଶରୀର ହାଲୁକା ଏବଂ ଶକ୍ତିଶାଳୀ ଅନୁଭବ କରେ । ଯଦି ଆପଣ ମଧ୍ୟ ଏମିତି ତେବେ ଏହି ଯୋଗାସନାକୁ ଆପଣଙ୍କର ନିୟମିତ ଅଭ୍ୟାସରେ ଅନ୍ତର୍ଭୁକ୍ତ କରନ୍ତୁ ।

ବାଳାସନ:

ନିୟମିତ ବାଳାସନ ଅଭ୍ୟାସ କରନ୍ତୁ । ଏହି ଆସନ ଚାପକୁ ହ୍ରାସ କରିଥାଏ ଏବଂ ଶକ୍ତି ମଧ୍ୟ ଯୋଗାଇଥାଏ । ବାଳାସନ କରିବାକୁ ହେଲେ ଆଣ୍ଠୁ ଉପରେ ଭୂମିରେ ବସନ୍ତୁ । ଉଭୟ ପାଦକୁ ଏକାଠି ସ୍ପର୍ଶ କରି ଗୋଇଠିକୁ ସାମାନ୍ୟ ଛଡା ରଖନ୍ତୁ । ପିଚାକୁ ଲଗେଇ ଗୋଇଠି ମଝିରେ ବସନ୍ତୁ । ଦୁଇ ଆଣ୍ଠୁକୁ ପ୍ରସାରିତ କରି ରଖନ୍ତୁ ଏକ ଗଭୀର ଶ୍ୱାସ ନେଇ ହାତକୁ ଉପରକୁ ଉଠାନ୍ତି, ଏବଂ ଶ୍ୱାସ ଛାଡି ଆଗକୁ ଝୁଙ୍କନ୍ତୁ । ପେଟକୁ ଦୁଇ ଜଙ୍ଘ ମଝିରେ ରଖନ୍ତୁ । ଏହି ଅବସ୍ଥାରେ କିଛି ସମୟ ରୁହନ୍ତୁ । ପରେ ମୂଳ ଅବସ୍ଥାକୁ ଆସନ୍ତୁ ।

ଧନୁରାସନ:

ଥାଇରଏଡରେ ଧନୁରାସନ ଅଭ୍ୟାସ ଅତ୍ୟନ୍ତ ଲାଭଦାୟକ । ଏହି ଆସନ ଶକ୍ତିଶାଳୀ କରିବା ସହିତ ମେଦବହୁଳତା ହ୍ରାସ କରାଏ । ଏହି ଆସନ ଅଭ୍ୟାସ କରିବା ପାଇଁ ପେଟ ମାଡି ଶୋଇ ପଡନ୍ତୁ ଏବଂ ଅଣ୍ଟା ଆଡକୁ ପାଦ ଆଣନ୍ତୁ । ବର୍ତ୍ତମାନ ଉଭୟ ପାଦକୁ ଦୁଇ ହାତରେ ଧରି ରଖିବାକୁ ଚେଷ୍ଟା କରନ୍ତୁ । ତା'ପରେ ମୁଣ୍ଡ, ଛାତି ଏବଂ ଜଙ୍ଘକୁ ଉପରକୁ ଉଠାନ୍ତୁ ଏବଂ ଶରୀରର ଓଜନକୁ ପେଟର ନିମ୍ନ ଭାଗରେ ରଖନ୍ତୁ । କିଛି ସମୟ ଏହି ଅବସ୍ଥାରେ ରହି ମୂଳ ଅବସ୍ଥାକୁ ଫେରନ୍ତୁ ।

ତାଡାସନ:

ଏହି ଆସନ ସମଗ୍ର ଶରୀର ଉପରେ ପ୍ରଭାବ ପକାଏ । ତାଡାସନ କରିବାକୁ ସିଧା ଠିଆ ହୁଅନ୍ତୁ ଏବଂ ଗୋଡ ମଧ୍ୟରେ କିଛି ଦୂରତା ରଖନ୍ତୁ । ଏକ ଗଭୀର ଶ୍ୱାସ ନେଇ ଉଭୟ ହାତ ଉପରକୁ ଉଠାନ୍ତୁ । ଉପରକୁ ଭିଡି ହୋଇ ଦୁଇ ଗୋଇଠି ଉଠାନ୍ତୁ ଆଉ ପାଦ ଆଙ୍ଗୁଠି ଉପରେ ଠିଆ ହୁଅନ୍ତୁ । ଏହି ଅବସ୍ଥାରେ ଶରୀରର ପ୍ରତ୍ୟେକ ଅଙ୍ଗ ଟାଣି ହୁଏ । ଏହି ଅବସ୍ଥାରେ କିଛି ସମୟ ରହିବା ପରେ ସାଧାରଣ ସ୍ଥିତିକୁ ଫେରନ୍ତୁ । ଏହି ଆସନକୁ ୧୦ରୁ ୧୫ଥର ପୁନରାବୃତ୍ତି କରନ୍ତୁ ।

ଶବାସନ:

ଶାରୀରିକ ଏବଂ ମାନସିକ ଥକାପଣ ଦୂର କରିବା ପାଇଁ ଶବାସନ ଖୁବ ଲାଭଦାୟକ । ଏହି ଆସନ କରିବା ପାଇଁ, ପିଠି ପଟିଆ ଶୋଇ ଯାଆନ୍ତୁ ଏବଂ ଦୁଇ ଗୋଡ କିଛି ବ୍ୟବଧାନରେ ରଖି ଢିଲା ଛାଡିଦିଅନ୍ତୁ । ଦୁଇ ହାତକୁ ଶରୀରଠାରୁ ଅଳ୍ପ ଦୂରରେ ରଖି ଧୀରେ ଧୀରେ ଆଙ୍ଗୁଠି ଠାରୁ ଆରମ୍ଭ କରି ସମଗ୍ର ଶରୀର ଉପରେ ଧ୍ୟାନ ଦିଅନ୍ତୁ । ମନକୁ ଶାନ୍ତ ରଖନ୍ତୁ ଏବଂ ଶରୀରରେ ଶକ୍ତି ଖେଳିଯିବା ଅନୁଭବ କରନ୍ତୁ ।

ଦୁର୍ବଳତାକୁ ଦୂର କରିବା ପାଇଁ, ଏହି ସମସ୍ୟାରୁ ମୁକ୍ତି ପାଇବା ନିଦ୍ରା ଅଭାବ ହେତୁ ବ୍ୟକ୍ତି ଦିନସାରା କ୍ଲାନ୍ତ ଭାବରେ ଆପଣ ଦୁର୍ବଳ ଏବଂ ଦୁର୍ବଳତାକୁ ଦୂର କରିବା ପାଇଁ, ଯେ ଶରୀର ଓଜନିଆ ଲାଗେ, ଆପଣ ଯୋଗ କରିପାରିବେ । ବଢାଇଥାଏ । ଆଭ୍ୟନ୍ତରୀଣ ସମସ୍ୟାର ସମ୍ମୁଖିନ ହେଉଛନ୍ତି

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସୁସ୍ଥ ନିର୍ବାଚନ ହିଁ ସୁସ୍ଥ ଗଣତନ୍ତ୍ରର ମୂଳଦୁଆ....

ଭାରତ ଏକ ବହୁଦଳୀୟ ଓ ସଂସଦୀୟ ଗଣତନ୍ତ୍ର। ଏଠାରେ ସମ୍ବିଧାନ ଓ ଆଇନର ଶାସନ ଚଳେ। ଆମ ସମ୍ବିଧାନର ମୂଳତତ୍ତ୍ୱ ହେଲା ଜନାଦେଶ ହିଁ ସାର୍ବଭୌମ ଏବଂ ଶାସନ ଜନାଦେଶ ଦ୍ୱାରା ଗଠିତ ସରକାର ହିଁ ଚଳାନ୍ତି। ଏ ସବୁତ ଗଲା ସମ୍ବିଧାନର ବର୍ଣ୍ଣନା ଓ ମୂଲ୍ୟବୋଧ। କିନ୍ତୁ ବାସ୍ତବିକ ପ୍ରୟୋଗରେ କେତେ ଗଣତନ୍ତ୍ର ଓ କେତେ ଜନମତର ଶାସନ ସମ୍ଭବ ହୁଏ, ତାହା ତର୍କର ବିଷୟ। ସବୁ ମତବାଦ, ତତ୍ତ୍ୱ ଓ ଆଦର୍ଶବାଦ, ମୂଳଦୁଆ ହୋଇ ରହିଲେ ମଧ୍ୟ ପ୍ରୟୋଗାତ୍ମକ ବାସ୍ତବିକ ରାଜନୀତି କ୍ଷେତରେ ସେ ସବୁର ଆବଶ୍ୟକମତେ ଅବମୂଲ୍ୟାୟନ କରିବାକୁ ପଡ଼ିଥାଏ। ଏହି ପ୍ରକ୍ରିୟା ଉଣାଅଧିକେ ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଲକ୍ଷିତ ହୋଇଥାଏ। ଭାରତ ମଧ୍ୟ ଏହି ପ୍ରୟୋଗାତ୍ମକ ନିୟମର ଅଧୀନ। ବିଶ୍ୱ ପରିଦୃଶ୍ୟରେ ଗଣତନ୍ତ୍ର ଶାସନର ଅଭ୍ୟୁଦୟ ବ୍ୟକ୍ତି ସ୍ୱାଧୀନତା ଓ ବ୍ୟକ୍ତିକୈନ୍ଦ୍ରିକ ବିକାଶ ଆଦର୍ଶରୁ ଆରମ୍ଭ ହୋଇଥିଲା। ବ୍ରିଟେନ୍, ଆମେରିକା ଓ ୟୁରୋପର ଗଣତାନ୍ତ୍ରିକ ଆଦର୍ଶବାଦ ବିଂଶଶତାବ୍ଦୀର ପ୍ରଥମାର୍ଦ୍ଧ ଶେଷ ବେଳକୁ ସଂଘଟିତ ହୋଇସାରିଥିଲା। ଏହାର ପ୍ରତିଦ୍ୱନ୍ଦ୍ୱିତା କରିବାକୁ ମାର୍କ୍ସଙ୍କ ସାମ୍ୟବାଦ ଆଦର୍ଶଭିତ୍ତିକ ରାଜନୈତିକ ବ୍ୟବସ୍ଥା ସୋଭିଏତ୍ ରୁଷ ଓ ପୂର୍ବ ୟୁରୋପୀୟ ରାଷ୍ଟ୍ର ତଥା ଚୀନ୍ ଆଦି ଦେଶରେ କାର୍ଯ୍ୟାନ୍ୱିତ ହେବା ପରେ ବିଶ୍ୱରେ ଦୁଇ ମୁଖ୍ୟ ରାଜନୈତିକ ଆଦର୍ଶବାଦର ସଂଘର୍ଷ ଆରମ୍ଭ ହୋଇଥିଲା। ଏହାର ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ପ୍ରତିଦ୍ୱନ୍ଦ୍ୱିତାର ବିଭିନ୍ନ ପର୍ଯ୍ୟାୟକୁ 'ସଭ୍ୟତାର ସଂଘାତ' ବୋଲି ଅଭିହିତ କରିଛନ୍ତି। ଗୋଟିଏ ପଟେ ପୁଞ୍ଜିବାଦ ଓ ଅନ୍ୟପଟେ ସମାଜବାଦ ବା ସାମ୍ୟବାଦ। ଊନବିଂଶ ଓ ବିଂଶଶତାବ୍ଦୀର ପ୍ରଥମାର୍ଦ୍ଧରେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ଏସିଆ ଓ ଆଫ୍ରିକା ମହାଦେଶରେ ଉପନିବେଶବାଦ ମଧ୍ୟ ଏହି ପୁଞ୍ଜିବାଦର ଆଉ ଏକ ସ୍ୱରୂପ। ଭାରତ ମଧ୍ୟ ଏହି ଉପନିବେଶବାଦର ଶିକାର ପ୍ରାୟ ଦୁଇ ଶତାବ୍ଦୀ ଧରି ହୋଇଥିଲା ଏବଂ ସ୍ୱାଧୀନତା ସଂଗ୍ରାମରେ ପାଶ୍ଚାତ୍ୟ ଉପନିବେଶ ବିରୁଦ୍ଧରେ ସଂଗ୍ରାମ କରି ମଧ୍ୟ ଆମେ ସେହି ପାଶ୍ଚାତ୍ୟ ଗଣତନ୍ତ୍ରର ଶାସନ ନୀତିକୁ ଗ୍ରହଣ କରୁ। ଆମର ସଂସଦୀୟ ଗଣତନ୍ତ୍ର, ଲିଖିତ ସମ୍ବିଧାନ ଓ ସଂଘୀୟ ଶାସନ ବ୍ୟବସ୍ଥାରେ ପାଶ୍ଚାତ୍ୟ ଗଣତନ୍ତ୍ରର ବ୍ୟକ୍ତି ସ୍ୱାଧୀନତା ଓ ପୁଞ୍ଜିବାଦର ବଜାର ବ୍ୟବସ୍ଥାକୁ ଆମେ ପର୍ଯ୍ୟାୟକ୍ରମେ ଆଦରି ନେଲୁ। କିନ୍ତୁ ଆମର ବହୁଦଳୀୟ ରାଜନୀତି ସତ୍ତ୍ୱେ ବାସ୍ତବିକ କ୍ଷେତ୍ରରେ ଭାରତୀୟ ଜାତୀୟ କଂଗ୍ରେସ ଦଳର ଆଧିପତ୍ୟରେ ସ୍ୱାଧୀନତା ପରବର୍ତ୍ତୀ ପଚାଶବର୍ଷ ଶାସନକାଳ ବିତିଗଲା। ଅବଶ୍ୟ ସାମ୍ୟବାଦୀ ଓ ସମାଜବାଦୀ ଗୋଷ୍ଠୀ ତଥା ପୂର୍ବତନ ରାଜାରାଜୁଡ଼ା ଗୋଷ୍ଠୀଙ୍କ ଶାସନ କ୍ଷମତା ଅଳ୍ପକେତେକ ରାଜ୍ୟରେ ଶାସନ କ୍ଷମତାକୁ ଆସିଥିଲେ। ଷାଠିଏ ସତୁରି ଦଶକ ବେଳକୁ ଦେଶରେ ରାଜନୈତିକ ଆଦର୍ଶବାଦର ଅବକ୍ଷୟ ସ୍ପଷ୍ଟ ହୋଇଆସିଲା ତଥା ଇନ୍ଦିରା ଗାନ୍ଧୀଙ୍କ ଜରୁରୀକାଳୀନ ପରିସ୍ଥିତିର ବିଫଳ ପ୍ରୟୋଗ ପରେ ରାଜନୈତିକ ଦଳଙ୍କର ମେଣ୍ଟ ଶାସନ ଆବଶ୍ୟକ ହୋଇପଡ଼ିଲା। ବୃହତ୍ତର ରାଜନୈତିକ ଆଦର୍ଶର ନିର୍ବାଚନୀ ଉପାଦେୟତା କମିବାରେ ଲାଗିଲା। ଆରମ୍ଭ ହେଲା, ଜନାଦେଶ ହାତେଇବାର ରଣନୀତି ଓ ଅଙ୍କକଷା ତଥା ପ୍ରାକ୍ ନିର୍ବାଚନ ଓ ନିର୍ବାଚନ ପର ମେଣ୍ଟର ଅନିବାର୍ଯ୍ୟତା। ଏଥିରେ ଜାତି, ଧର୍ମ, ଭାଷା, ଅନଗ୍ରସରତା ଓ ଆଞ୍ଚଳିକତାର ବିଭିନ୍ନ ନିର୍ବାଚନ ଖେଳର ଅନୈତିକ ପ୍ରୟୋଗ। ଏହି ପୃଷ୍ଠଭୂମିରେ ଆମେ ଯଦି ୧୯୭୭ ସାଧାରଣ ନିର୍ବାଚନ ପରଠାରୁ ସମସ୍ତ ନିର୍ବାଚନର ପ୍ରକ୍ରିୟା ଅନୁଶୀଳନ କରିବା, ତେବେ ଦେଖିବା ଯେ ମୁଖ୍ୟ ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ଇସ୍ତାହାର ବା ସଂକଳ୍ପପତ୍ରରେ ଆଦର୍ଶଗତ ନୀତି ଅପେକ୍ଷା ସାମୟିକ ସୁବିଧାବାଦର ପଇଁତରାକୁ ପ୍ରାଧାନ୍ୟ ଦିଆଯାଇଛି। ସେହି ଅନୁସାରେ ନିର୍ବାଚନ ପ୍ରଚାର ପ୍ରସାରରେ ଆଦର୍ଶବାଦ, ନୈତିକତା, ଯୁକ୍ତିସଂଗତ ଆଲୋଚନା, ଶାଳୀନ ଭାଷାର ପ୍ରୟୋଗ ତଥା ବିନା ଧନ ଓ ବାହୁବଳରେ ଜନ ସମର୍ଥନ ହାସଲ କରିବାର ପରମ୍ପରା ଅସ୍ତମିତ ହୋଇଆସିଛି। ଅପରପକ୍ଷରେ ଜାତି, ଧର୍ମ, ଭାଷା ଆଦିକୁ ଅସ୍ତ୍ର କରି ଭୋଟବ୍ୟାଙ୍କ ସୃଷ୍ଟି କରିବା, ଧନ ଓ ବାହୁବଳରେ ଡରାଇ ଧମକାଇ ପ୍ରଲୋଭିତ କରି ଭୋଟ ହାସଲ କରିବା ତଥା ବହୁ ଆଡ଼ମ୍ବରପୂର୍ଣ୍ଣ ନିର୍ବାଚନ ରାଲି ଓ ରୋଡ୍ ?? ଶୋ' ଆୟୋଜନ କରି ଏବଂ ନିର୍ବାଚନ ଅଭିଯାନରେ ଅନୈତିକ, ଅଶାଳୀନ ପ୍ରକ୍ରିୟା ଅବଲମ୍ବନ କରି, କୁଭାଷାର ପ୍ରୟୋଗ କରି, ହିଂସାତ୍ମକ ପନ୍ଥା ଆଚରଣ କରି, ଅପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀମାନଙ୍କୁ ନିର୍ବାଚନରେ ଲଢ଼ିବା ପାଇଁ ମନୋନୟନ କରି ତଥା ନିର୍ବାଚନରେ ନୀତିଗତ ତର୍କକୁ ପ୍ରାୟ ସମ୍ପୂର୍ଣ୍ଣ ଏଡ଼ାଇ ଦେଇ ସାମ୍ପ୍ରତିକ ନିର୍ବାଚନ କୌଣସିମତେ ଭାରତୀୟ ଗଣତନ୍ତ୍ରର ମର୍ଯ୍ୟାଦା ପ୍ରତିପାଦନ କରୁନାହିଁ ବୋଲି ଅଭିଜ୍ଞ ପର୍ଯ୍ୟବେକ୍ଷକଙ୍କ ମତ। ନିର୍ବାଚନକୁ ଏକ ଯୁଦ୍ଧକ୍ଷେତ୍ର ମନେ କରି ଯୁଦ୍ଧ ପରିଚାଳନା ଓ ବ୍ୟୂହ ରଚନା ଆଦି ରଣନୀତିର ବହୁଳ ପ୍ରୟୋଗ ଦେଖାଯାଉଛି। ସମ୍ପ୍ରତି ଭାରତର ଅଷ୍ଟାଦଶ ସାଧାରଣ ନିର୍ବାଚନରେ ପ୍ରାୟ ସବୁ ମୁଖ୍ୟ ରାଜନୈତିକ ଦଳମାନଙ୍କ ପକ୍ଷରୁ ଯେଉଁଭଳି ନିର୍ବାଚନ ପ୍ରଚାରର ଘୋର ପ୍ରତିଯୋଗିତା ଚାଲିଛି, ତାହା ବେଶ୍ ଦୁଃଖକର। ଚରିତ୍ର ସଂହାର, ବ୍ୟକ୍ତିଗତ ଆକ୍ଷେପ, ହିଂସାତ୍ମକ ଆକ୍ରମଣ ଓ ପ୍ରତିଆକ୍ରମଣ ଓ ଘନ କୋଳାହଳମୟ ପ୍ରଚାରକୁ ଦେଖିଲେ ଅନେକ ଅଭିଜ୍ଞ, ବରିଷ୍ଠ ନାଗରିକ ତଥା ଶିକ୍ଷିତ ଓ ସମ୍ଭ୍ରାନ୍ତ ବର୍ଗ ଯେ କାହିଁକି ନିର୍ବାଚନରେ ଭାଗ ନେଉ ନାହାନ୍ତି ତାହା ସହଜରେ ଅନୁମେୟ।

ଆନନ୍ଦରେ ଲେଉଟଇ

ସଦାଶିବ ବିଶ୍ୱାଳ

ଅକ୍ଷୟ ତୃତୀୟା ହିନ୍ଦୁ ଧରମରେ
ମହତ୍ୱ ରଖଇ ଅତି,
ଭିନ୍ନ ସମୟରେ ଭିନ୍ନ ଭାବେ ପୁଣି
ତିଥିର ଅଛି ସୁଖ୍ୟାତି।

ବ୍ରହ୍ମାଙ୍କର ପୁତ୍ର ଅକ୍ଷୟ କୁମାର
କଲେ ଧରାବତରଣ,
ମାଆ ଅନ୍ନପୂର୍ଣ୍ଣା ଏଦିନେ ଜନମ
କୁବେର ପାଇଲେ ଧନ।

ଏପରି ତିଥିରେ ଗଙ୍ଗାମାତା ପୁଣି
ଧରାବତରଣ କଲେ,
ସୂର୍ଯ୍ୟ ନାରାୟଣ ପାଣ୍ଡ୍ୱ ମାନଙ୍କୁ
ଅକ୍ଷୟ ପାତ୍ରଟି ଦେଲେ।

ଏହି ଦିନ ମହା ଭାରତ ଯୁଦ୍ଧର
ଅନ୍ତ କରିଦେଇଥିଲେ
ସେଇ ବେଦବ୍ୟାସ ଗଣେଷ ସାଥିରେ
ମହାଭାରତ ରଚିଲେ।

ଏପରି ଦିନରେ ରଥ ଗଢ଼ା ହୁଏ
ଶ୍ରୀଜିଉଙ୍କ ଯାତ ଲାଗି,
ବଦ୍ରୀନାଥ ଧାମେ କବାଟ ଖୋଲଇ
ଚାହିଁ ରହିଥାଏ ଯୋଗୀ।

ବୃନ୍ଦାବନ ଧାମେ କୃଷ୍ଣର ଚରଣ
ଭକ୍ତେ ଦର୍ଶନ କରନ୍ତି,
ଏହି ଦିନେ ପୁଣି ଋଷି ପର୍ଶୁରାମ
ଧରାରେ ଜନମ ନ୍ୟନ୍ତି।

କୃଷକ ମାନଙ୍କ ମହାବଡ ପର୍ବ
ଚାଷ କର୍ମ ଆରମ୍ଭଇ,
ବିଲେ ଧାନ ବୁଣା ଅନୁକୂଳ କରି
ଆନନ୍ଦରେ ଲେଉଟଇ।

+ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନକ୍ଲେଭ, ଖଣ୍ଡଗିରି
ଭୁବନେଶ୍ୱର-୩୦

ପଲ୍ଲୀ ଗୌରବ ହରମୋହନଙ୍କ ଏକାଦଶାହ ଉପଲକ୍ଷେ

ସାଧା ଜୀବନ ଓ ଉଚ୍ଚ ବିଚାରର ସେ ଥିଲେ ପ୍ରତିମୂର୍ତ୍ତି

ପ୍ରମିଳା ପଣ୍ଡା

ଆଜକୁ ପ୍ରାୟ ୨୦ ବର୍ଷ ତଳର କଥା କହୁଛି । ଉଦଳା ସହରର 'ସଂସ୍କୃତି ଭବନ' ପରିସରରେ ଉପଖଣ୍ଡ ସ୍ତରୀୟ 'ଉତ୍କଳ ଦିବସ' ପାଳିତ ହେଉଥାଏ । ଏଠାରେ ପିଲା ମାନଙ୍କର ପୁରସ୍କାର ବିତରଣ ପର୍ବ ପରେ ଆରମ୍ଭ ହେଲା କବିତା ପାଠୋତ୍ସବ । କବିତା ପାଠ କରିବା ପାଇଁ ବହୁ କବି/ କବୟିତ୍ରୀଙ୍କ ମଧ୍ୟରେ ମୁଁ ମଧ୍ୟ ଉପସ୍ଥିତ ଥିଲି । ଏହି ମଂଚରେ ପଲ୍ଲୀ ଗୌରବ ହରମୋହନ ପୃଷ୍ଟି କବିତାଟିଏ ପାଠ କରିଥିଲେ । ଯାହାର ଘୋଷା ପଦ ଥିଲା 'ଓଡ଼ିଆ ପୁଅ ଓଡ଼ିଆ ଝିଅ ଓଡ଼ିଆ କଥା କୁହ ।' ଏହି କବିତାଟି ଏତେ ମାତ୍ରାରେ ମନକୁ ଛୁଇଁଥିଲା ଯେ ଯାହାକି ଆଜିବି ମାନସ ପଟରୁ ଲିଭି ନାହିଁ । ଏମିତି କିଛି ଦିନ ବିତିଗଲା । ଦିନେ ହଠାତ ସାଇକେଲ ଚଳାଇ ଉଦଳାରେ ଆମେ ରହୁଥିବା ଭଡ଼ା ଘରେ ନିଜେ ହରମୋହନ ପୃଷ୍ଟି ପହଂଚିଲେ । ହାତକୁ ନିମନ୍ତ୍ରଣ ପତ୍ରଟିଏ ବଢ଼ାଇ ଦେଇ କହିଲେ ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ ନିଶ୍ଚୟ ପହଂଚିବେ । ପରେ ଜାଣିଲି ସେ କେବଳ ଆମ ଘର ନୁହେଁ ଉଦଳା ସହରର ସମସ୍ତ କବି, ଲେଖକ, ସାହିତ୍ୟିକ ବନ୍ଧୁ ମାନଙ୍କୁ ଘରକୁ ଘର ବୁଲି ନିମନ୍ତ୍ରଣପତ୍ର ବାଂଟୁଛନ୍ତି । ଏଥିରୁ ଭାଗବତଟୁଙ୍ଗି ପ୍ରତି ତାଙ୍କର ଥିବା ମମତା କେତେ ଅଧିକ ଥିଲା ତାହା ବେଶ ସ୍ପଷ୍ଟ ବାରି ହୋଇ ପଡୁଥିଲା । ସବୁଠାରୁ ଅଧିକ ଆଶ୍ଚର୍ଯ୍ୟ ଲାଗୁଥିଲା ଏତେ ପରିଣତ ବୟସରେ ତାଙ୍କର ନିଷ୍ଠା ଓ ପରିଶ୍ରମ ଦେଖି । ପରେ ଜାଣିଲି ଢ଼ିହିରାକୁଳର ଭାଗବତଟୁଙ୍ଗି ସମଗ୍ର ଜିଲ୍ଲାରେ ପ୍ରଥମ ସରକାରୀ ତାଲିକାଭୁକ୍ତ ଅଟେ । ଏଠାକାର ନିଷ୍ଠା ପାଇଁ ଜନମାନସରେ ଏହି ଟୁଙ୍ଗି ପ୍ରତି ରହିଛି ସ୍ୱତନ୍ତ୍ର ସମ୍ମାନ । ଆଉ ଏ ସବୁର ଶ୍ରେୟ କେବଳ ଜଣେ ବ୍ୟକ୍ତିଙ୍କୁ ଦିଆଯାଇଥାଏ ସେ ହେଉଛନ୍ତି ହରମୋହନ ପୃଷ୍ଟି । କବିତା, ଗଳ୍ପ, ପ୍ରବନ୍ଧ ରଚନା କରିବାରେ ସେ ସମୟ ବିତାଉଥିଲେ ଓ ଏଥିପ୍ରତି ଅନ୍ୟ ମାନଙ୍କୁ ଉତ୍ସାହିତ କରୁଥିଲେ । ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଜି ବିଭିନ୍ନ ଗ୍ରାମରେ ଭାଗବତଟୁଙ୍ଗି ଓ ସାହିତ୍ୟ ସଂସଦମାନ ଗଢ଼ି ଉଠିଛି । ମୋଟାମୋଟି ଭାବରେ ଭାଗବତଟୁଙ୍ଗି ଓ ସାହିତ୍ୟ ସଂସଦକୁ ନେଇ ସେ ଏକ ପ୍ରକାର ଜନଆନ୍ଦୋଳନ ତିଆରି କରିଦେଇଥିଲେ । ବାସ୍ତବରେ ସାଧା ଜୀବନ ଓ ଉଚ୍ଚ ବିଚାରର ସେ ଥିଲେ ପ୍ରତିମୂର୍ତ୍ତି । ଆଜିର ଏକାଦଶାହରେ ଏହିଭଳି ଜଣେ ମହାନ ଆତ୍ମାଙ୍କୁ କୋଟି ପ୍ରଣାମ ଜଣାଇ ମୋର ଲିଖନିକୁ ଏଠାରେ ବିରାମ ଦେଉଛି ।

+ନଗରପାଳ
ବିଜ୍ଞାପିତ ଅଂଚଳ ପରିଷଦ, ଉଦଳା

ବଡ଼ଚଣା ମାଟିରେ ଅମଳିନ ଗାନ୍ଧୀ ସ୍ମୃତି...

ଶୁଭେନ୍ଦୁ କୁମାର ଭୂୟାଁ

ଜାତିର ଜନକ ମହାତ୍ମାଗାନ୍ଧିଙ୍କର ଓଡ଼ିଶା ମାଟିରେ ଆରମ୍ଭ ହୋଇଥିବା ଐତିହାସିକ ହରିଜନ ପଦଯାତ୍ରାର ଅନେକ ବର୍ଷ ଇତି ମଧ୍ୟରେ ଅତିକ୍ରାନ୍ତ ହୋଇଛି । ଏହି ସ୍ମରଣୀୟ ପଦଯାତ୍ରାରେ ଅବିଭକ୍ତ କଟକ ଜିଲ୍ଲାର ବଡ଼ଚଣାର ବୈରୀ, ବରୀର କାଇପଡ଼ା, କଲ୍ୟାଣପୁର, ଅନ୍ୟାସପୁର, ସାହାସପୁର, ବାଗଦା, ଯାଜପୁରର ବୁଢ଼ାଘାଟ ଓ ବୈତରଣୀତଟ ଏଥିରେ ସାମିଲ ହୋଇ ଏବେ ବି ଅତୀତ ସ୍ମୃତିକୁ ରୋମନ୍ଥନ କରୁଛି । ଗାନ୍ଧୀ ପଦରଜରେ ଧନ୍ୟ ଓଡ଼ିଶାର ଅନେକ ପୁଣ୍ୟ ପୀଠସ୍ଥଳୀ ମଧ୍ୟରୁ ଯାଜପୁର ମାଟିର ଏହିସବୁ ଅଚଂଳ ତାଙ୍କ ସ୍ମୃତିକୁ ଧରି ରଖିଥିବାବେଳେ ଜନମାନସରେ ଗାନ୍ଧୀ ସ୍ମୃତିକୁ ମନେପକାଉଛନ୍ତି ସ୍ଥାନୀୟ ଅଚଂଳବାସୀ ।

୧୯୩୪ ମସିହା ମଇ ମାସ ୨୧ ତାରିଖ (ସୋମବାର) ଦିନ ଥିଲା ତତ୍କାଳୀନ ଅବିଭକ୍ତ କଟକ ତଥା ବର୍ତ୍ତମାନର ଯାଜପୁର ଜିଲ୍ଲା ପାଇଁ ଗାନ୍ଧୀସ୍ମୃତିଗାଥାର ଏକ ଅବିସ୍ମରଣୀୟ ଦିନ। ପାଟଣାଠାରେ ଆୟୋଜିତ ନିଖିଳ ଭାରତ କଂଗ୍ରେସ କମିଟିର ଦୁଇଦିନିଆ ଅଧିବେଶନରେ ଯୋଗଦେଇ ମେ ୨୦ ତାରିଖ ଦିନ ଗାନ୍ଧିଜୀ ସେଠାରୁ ସିଆଲ୍‌ଦା ଏକ୍ସପ୍ରେସରେ ଚଢ଼ିଲେ । ଏହା ଥିଲା ଜାତିର ଜନକଙ୍କ ଓଡ଼ିଶାରେ ଆରମ୍ଭ ହୋଇଥିବା ହରିଜନ ପଦଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ । ମଇ ୨୧ ତାରିଖ ଭୋର ସମୟରେ ବଡ଼ଚଣା ବ୍ଲକର ଅଖ୍ୟାତ ବୈରୀ ଷ୍ଟେସନରେ ରହିଲା ଏହି ଦ୍ରୁତଗାମୀ ରେଳଗାଡ଼ିଟି । ନାଁ ଅଜଣା ବୈରୀ ଷ୍ଟେସନରେ ସିଆଲ୍‌ଦା ଏକ୍ସପ୍ରେସ ଭଳି ଟ୍ରେନ୍ କେବେ ଅଟକି ନଥିଲା, କିନ୍ତୁ କଇଥା-ଚମ୍ପାପୁର ଗାନ୍ଧୀ ଶିକ୍ଷାଶ୍ରମର ପ୍ରତିଷ୍ଠାତା ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର ରେଳବାଇର ବରିଷ୍ଠ ଅଧିକାରୀଙ୍କଠାରୁ ବିଶେଷ ଅନୁମତି ଆଣିଥିବାରୁ ଗାନ୍ଧୀ ସହଯାତ୍ରୀ ଥିବା ଏହି ଏକ୍ସପ୍ରେସ ଗାଡ଼ିଟି ସେଠାରେ ଅଳ୍ପ ସମୟ ପାଇଁ ଅଟକିଥିଲା। ଗାନ୍ଧୀଙ୍କ ସହିତ ସେଦିନ ରେଳଗାଡ଼ିରୁ ଓହ୍ଲାଇଥିଲେ ମାଲକାନଜୀ ଓ ଅନ୍ୟାନ୍ୟ ବହୁ ନେତୃସ୍ଥାନୀୟ ବ୍ୟକ୍ତି । ତାଙ୍କ ଉପରେ ନ୍ୟସ୍ତ ଥିଲା ଗାନ୍ଧୀଙ୍କର ପୁରୀଠାରୁ ଭଦ୍ରକ, ବାଲେଶ୍ୱର ଯାତ୍ରାର ଆୟୋଜନ ଦାୟିତ୍ୱ। କଂଗ୍ରେସ ସାମ୍ୟବାଦୀ ଦଳର ବରିଷ୍ଠ ନେତା ବମ୍ବେର ମୀନୁ ମାସାନି ଓ ଇଂଲଣ୍ଡ ଅଧିବାସୀ ଜଣେ ବିଶିଷ୍ଟ ମହିଳା ମିସ୍ ଆଗାଥା ହାରିସନ ମଧ୍ୟ ଏହି ସହଯାତ୍ରୀ ଦଳରେ ଥିଲେ । ଷ୍ଟେସନରେ ଓହ୍ଲାଇବା ପରେ ଗାନ୍ଧିଜୀ ପ୍ରଥମେ ତଦାରଖ କରିଥିଲେ ସହଯାତ୍ରୀମାନଙ୍କର ଜିନିଷପତ୍ର ଠିକ୍‌ଠାକ ଅଛି କି ନାହିଁ । ସେଦିନ ଥିଲା ସୋମବାର- ଗାନ୍ଧିଜୀଙ୍କର ସାପ୍ତାହିକ ମୌନ ଦିବସ । ତଥାପି ଠାର ଦ୍ୱାରା ଜିନିଷପତ୍ର କାହା ଦାୟିତ୍ୱରେ ଏବଂ କେମିତି ଯିବ ସେ ତଦାରଖ କରିଥିଲେ । ଗାନ୍ଧୀଙ୍କ ଆଗମନରେ ସକାଳୁ ସକାଳୁ ବୈରୀ ଷ୍ଟେସନଟି ପ୍ରକମ୍ପିତ ହୋଇଥିଲା ତାଙ୍କ ସ୍ୱାଗତ ଧ୍ୱନିରେ । ସେହିଦିନ ଷ୍ଟେସନରେ ହିଁ ସକାଳୁଆ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା । ଆସିଥିବା ବଳଦ ଗାଡ଼ିରେ ଜିନିଷପତ୍ର ବୋଝେଇ ହେବା ପରେ ଚମ୍ପାପୁର ଅଭିମୁଖେ ଯାତ୍ରା ଆରମ୍ଭ ହୋଇଥିଲା । ବାଟରେ ପଡ଼ିଥିଲା ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଛତିଆବଟ ।

ମହାତ୍ମାଗାନ୍ଧୀଙ୍କ ସହିତ ଯୋଗ ଦେଇଥିବା ବହୁ ବିଶିଷ୍ଟ ଜାତୀୟ ଓ ରାଜ୍ୟସ୍ତରୀୟ ନେତାଙ୍କ ସମେତ ସ୍ଥାନୀୟ ଅଂଚଳର ସଂଗ୍ରାମୀ ଓ ଗାନ୍ଧୀପ୍ରେମୀ ଜନତା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସିଆଲ୍‌ଦା ଏକ୍ସପ୍ରେସଟି ଥିଲା ଏକ ବାଷ୍ପଚାଳିତ ଇଞ୍ଜିନ୍ ଓ ସେଥିରେ ୪/୫ଟି ଡବା ଥିଲା ବୋଲି ମଧ୍ୟ ପ୍ରତ୍ୟକ୍ଷଦର୍ଶୀଙ୍କ ବିବରଣୀରୁ ଜଣାପଡ଼ିଛି । ଏଠାରେ ସୂଚନାଯୋଗ୍ୟ ଯେ, କଇଥା-ଚମ୍ପାପୁର ଗାନ୍ଧୀ ଶିକ୍ଷାଶ୍ରମର ପ୍ରତିଷ୍ଠାତା ପଣ୍ଡିତ ଗୋବିନ୍ଦ ମିଶ୍ର ହେଉଛନ୍ତି ଓଡ଼ିଶାର ପ୍ରଥମ ବ୍ୟକ୍ତି ଯାହାଙ୍କୁ କି ଗାନ୍ଧିଜୀ ସାବରମତୀ ଆଶ୍ରମରୁ ଜାଣିଥିଲେ । ଗୋବିନ୍ଦ ମିଶ୍ର ଥିଲେ ଦଶପଲ୍ଲା ଗଡ଼ଜାତ ଅଂଚଳର ଜଣେ ବିଶିଷ୍ଟ ସଂଗ୍ରାମୀ । ଇଂରେଜ ସରକାରଙ୍କର ପ୍ରାଦୁର୍ଭାବରେ ଅତିଷ୍ଠ ହୋଇ ସେ ଦଶପଲ୍ଲା ଛାଡ଼ି ପଳାଇ ଆସି କିଛିଦିନ ଶାନ୍ତିନିକେତନ ଓ ପରେ ସାବରମତୀ ଆଶ୍ରମକୁ ଚାଲି ଯାଇଥିଲେ । ତାଙ୍କର ବିଶେଷ ଅନୁରୋଧ କ୍ରମେ ମହାତ୍ମାଗାନ୍ଧୀଙ୍କର ଗସ୍ତ କାର୍ଯ୍ୟସୂଚୀ ଏହି ଆଶ୍ରମକୁ ହୋଇଥିଲା ।

ଗାନ୍ଧିଜୀ ଚମ୍ପାପୁର ଆଶ୍ରମରେ ପହଂଚିବା ପରେ ତାଙ୍କର ପରବର୍ତ୍ତୀ ଗସ୍ତସୂଚୀର ବିବରଣୀ ପ୍ରସ୍ତୁତ ହୋଇଥିଲା । ହରିଜନ ସେବକ ସଂଘର ମାଲକାନଜୀ ଓ ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଉପସ୍ଥିତିରେ ଗସ୍ତସୂଚୀର ଚିଠା ନିଜେ ତଦାରଖ କରିଥିଲେ ଗାନ୍ଧିଜୀ । ଏହି ଆଶ୍ରମର ପରିଚାଳନା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦେଖି ଗାନ୍ଧିଜୀ ଖୁସି ହୋଇଥିଲେ। ପରଦିନ ଥିଲା ମଙ୍ଗଳବାର । ଚମ୍ପାପୁର ହାଟପଡ଼ିଆ ଠାରେ ଆୟୋଜିତ ହୋଇଥିଲା ଏକ ବିଶାଳ ଜନସଭା । ଏହି ସଭାରେ ଗାନ୍ଧିଜୀ ଆଶ୍ରମ ପରିଚାଳନା ପାଇଁ କ'ଣ ଭଲମନ୍ଦ ଦିଗ ରହିଛି ସେ ସମ୍ପର୍କରେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ସଭାରେ ଗାନ୍ଧୀ ଦେଇଥିବା ଉଦ୍‌ବୋଧନର ବିବରଣୀ ୧୯୩୪ ମସିହା ଅଗଷ୍ଟ ୩୧ ତାରିଖ 'ହରିଜନ' ପତ୍ରିକା ପ୍ରକାଶ ପାଇଥିଲା । ଆଶ୍ରମରେ ରହଣି ସମୟରେ ସ୍ଥାନୀୟ ଅଂଚଳର ଦୁଇଜଣ ବ୍ୟକ୍ତି ଭୀମ ନାୟକ ଓ ସାଧୁ ବାରିକ ଗାନ୍ଧୀଙ୍କର ସେବାଯତ୍ନ କରିଥିଲେ । ସାଧୁ ଗାନ୍ଧୀଙ୍କ ଦେହରେ ତେଲ ଲଗାଇ ଘଷାମୋଡ଼ା କରିଥିବା ବେଳେ ଭୀମ ତାଙ୍କ ସ୍ନାନ ପାଇଁ ପାଣି ଆଣି ଦେଇଥିଲେ । ଗାନ୍ଧିଜୀ ଏଇ ଦୁଇଜଣ ସେବକଙ୍କର ଉଚ୍ଚପ୍ରଶଂସା କରିଥିଲେ । ସେଇଭଳି ମଇ ମାସ ୨୪ ତାରିଖରେ ଗାନ୍ଧୀ ବହୁକୁଦ ଠାରେ ଥିବାବେଳେ ତାଙ୍କ କ୍ଷୌର ହେବା ଦିନ ପଡ଼ିଥିଲା । ସେଦିନ ନଖୀ

ମୁଗ୍ଧ ଅନୁଭବ
ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ

ଚାଲୁ ଚାଲୁ ହଠାତ୍ ପାଦ ମୋର
ଖସିଯାଏ ଖସଡ଼ା ରାସ୍ତାରେ,
ଟଳମଳ ହୁଏ ମୋର ସର୍ବାଙ୍ଗ ଶରୀର
ମୁଁ ଠିକ୍ ପଡ଼ିଯିବା ବେଳକୁ ଆପଣ
ଧରି ନିଅନ୍ତି ମୋର ହସ୍ତ ଦୁଇଟିକୁ
ଆଉ ମୁଁ ସଳଖି ଠିଆ ହୁଏ,
ପୁଣି ମୁହୂର୍ତ୍ତକେ ଚାଲିବାକୁ ଲାଗେ,
ଠିକ୍ ସେତିକିବେଳେ ଆପଣ
ବିଞ୍ଚି ଦିଅନ୍ତି କିଛି ସଜଫୁଟା ବାସ୍ନାଫୁଲ
ମୁଁ ଚାଲୁଥିବା ଶିଉଳି ଲଗା
ଖସଡ଼ା ରାସ୍ତାରେ,
ଶୂନ୍ୟରୁ ଲମ୍ବି ଆସେ ଦୁଇଟି
ବରଦ ହସ୍ତ ମୋ ମଥା ଉପରକୁଳ

ଦୁଇ ଟୋପା ଖୁସିର ଲୁହ ଝରି ଯାଏ,
ଭିଜି ଯାଏ ମୋ ପିନ୍ଧା ପଣତ
ଆପଣ ମୁରୁକି ମୁରୁକି ହସି ଦିଅନ୍ତି ।

କିଏ ସାକ୍ଷୀ ଏ ଦୃଶ୍ୟର
କିଏ ଦେଖିଛି
ଆକାଶ ନା ପାତାଳ
ମାଟି ନା ପବନ
ନଦୀ ନା ସାଗର
ଫୁଲ ନା ଫଗୁଣ
ସେମାନେ ନା ମୁଁ
ଇଏତ ମୋ ମୁଗ୍ଧ ଅନୁଭବ
ମୋ ହୃଦୟର ଅତୁଟ ବିଶ୍ୱାସ
ମୋ ପ୍ରାଣର ମଧୁର ଉଚ୍ଛ୍ୱାସ
ମୋ ମନ ଗହନରେ ସାଇତା
ମିଠା ମିଠା ଗୀତ
ଯାହାକୁ ମୁଁ ଗାଉଥାଏ ଅହରହ ।

ବାସ୍...
ଏଇ ବିଶ୍ୱାସରେ ଆପଣ
ଆତ ଯାତ ହେଉଥାନ୍ତି ମୋ
ଚାରିପଟେ, ମୋ ହସ, ମୋ ଲୁହ
ମୋ ସୁଖ ମୋ ଦୁଃଖ
ଯନ୍ତ୍ରଣାରେ ସିକ୍ତ ମୋର ବର୍ତ୍ତମାନ
ସ୍ମୃତି ଫୁଲରେ ଭର୍ତ୍ତି ମୋର ଅତୀତ
ମୋ ମନ ଆକାଶରେ ରଜତ ଜ୍ୟୋତ୍ସ୍ନା
ବୁଣି ଦେଉଥିବା ଜହ୍ନ
ମୋ ବଗିଚାରେ ଲହରୀ ଭଙ୍ଗୁଥିବା
ଖୁସିର ଫୁଲଗଛ ମାନେ
ମୋ ଠାକୁର ଘର ଖଟୁଲି
ମୋ ଅଗଣାର ତୁଳସୀ ଚଉରା
ସବୁଠି ଆପଣଙ୍କର ଉପସ୍ଥିତି ।
ଆପଣଙ୍କ ସ୍ମିତହାସ୍ୟ
ଆପଣଙ୍କ ତ୍ରିଭଙ୍ଗୀ ଠାଣିା।

ଏଇ ମୋର ଜୀବନ
ଏଇ ମୋର ଦର୍ଶନ
ଏଇ ମୋ ଭରସାର କେନ୍ଦ୍ର ବିନ୍ଦୁ
ଏଇ ଥିବ ମୋ ସହିତ ନାଟକର
ଶେଷ ଦୃଶ୍ୟ ଯାଏ,
ଏଇ ମୋ ମୁଗ୍ଧ ଅନୁଭବ ।

❤ଶିକ୍ଷୟିତ୍ରୀ, କେନ୍ଦ୍ରାପଡ଼ା

ପକ୍ଷୀ
ପ୍ରଭାତ କୁମାର ଆଚାର୍ଯ୍ୟ

ସକାଳ ହେଲାଣି
କାଉର କା ଶୁଭୁନି କି
ବାଇଚଢେଇର କିଚିରି ମିଚିରି,
ବଣିର କେଁ କାଁ କେଁ
ପାରାର ଘୁଟୁରୁ ଘୁଁ ।
ଦେଖିବାକୁ ମିଳୁନି ପକ୍ଷୀମାନଙ୍କୁ
ଏଇ କଙ୍କ୍ରିଟ୍ ଜଙ୍ଗଲରେ ।
ଗଛ କାଟି କରିଦେଲୁ ପଦା
ବଣ ଭାଙ୍ଗି କଲୁ ଚାଷଜମି
ଅବା କଳ କାରଖାନା,
ବସାଟେ ବାନ୍ଧିବାକୁ ନାହିଁ ତାଙ୍କ ଆଶ୍ରୟ
ପରିବେଶ ତାଙ୍କ ପାଇଁ ହେଲା ପ୍ରତିକୂଳ ।
ମରି ହଜିଗଲେଣି କେତେ ପ୍ରଜାତିର ପକ୍ଷୀ
ବାଦୁଡ଼ି, ଶାଗୁଣା ଇତ୍ୟାଦି,ଇତ୍ୟାଦି ।
କାହିଁକି ବା ବଞ୍ଚିବେ ସେମାନେ ?
ଆହାରଟେ ପାଇଲେନି ଉଦର ପାଇଁ
ପୋକ, ଜୋକ,ଝିଣ୍ଟିକା ମଲେ
ବିଷପାନରେ
ନଈ, ନାଳ ପାଣି ହେଲା ଦୂଷିତ, ବିଷାକ୍ତ
ଗଛରେ ତ ଆଉ ଫଳ ଫଳୁନି
ଅସନ୍ତୁଳିତ ପାଣିପାଗ ଗଛକୁ କରୁଛି ବନ୍ଧ୍ୟା
ଯଦିଓ କାଁ ଭାଁ ଗଛରେ ଧରୁଛି ଫଳ
ଏ ସର୍ବଭୁକ୍ ମଣିଷ ଜାଲ ବାନ୍ଧି
କରୁଛି ଫଳକୁ ସଂରକ୍ଷଣ ।
ବିଚରା ଚଢେଇଟି ଖାଦ୍ୟ ଲୋଭେ ଆସି
ତ୍ୟଜି ଦିଏ ନିଜର ପରାଣ ।
ପକ୍ଷୀଟିଏ ମରିଗଲେ କିବା ଯାଏ ଆସେ
ଆମର ?
ଥରେ ଆମେ ଭାବିନାହୁଁ
ରଙ୍ଗବେରଙ୍ଗର ପକ୍ଷୀ ପ୍ରକୃତିକୁ କରିଛି ସୁନ୍ଦର ।
କିନ୍ତୁ ମାଂସ ପାଇଁ କରୁ ଆମେ ଅବାଧ
ଶୀକାର ।
ପକ୍ଷୀମାନେ ମଧ୍ୟ ପ୍ରକୃତିର ଉପକାରୀ
ଆମ ଭଲ ପାଇଁ କେତେ ସେବା
ଯାଆନ୍ତି ସେ କରି ।
ଶାଗୁଣା ଥିଲା ପ୍ରକୃତିର ମେହେନ୍ତର
ଏବେ ଶାଗୁଣା ନାହିଁ
କେତେ ଦୁର୍ଗନ୍ଧର ଶୀକାର
ହେବାକୁ ପଡୁଛି ଆମକୁ ।
ପକ୍ଷୀଥିଲେ ଧାନକ୍ଷେତରେ
ଲାଗିଥିବା ପୋକର ଦାଉ
ସହିବାକୁ ପଡନ୍ତାନି ଆମକୁ,
ତେଣୁ ହେ ମୂଢ ମଣିଷ !
ସଚେତନ ହୁଅ,
ପକ୍ଷୀକୁ ଭଲପାଅ,ଗଛ ଲଗାଅ,
ସେମାନଙ୍କ ବଞ୍ଚିବା ପାଇଁ
ଖାଦ୍ୟ ପାନୀୟର ବ୍ୟବସ୍ଥା କର
ଗଛ ଡାଳେ ଡାଳେ ବାନ୍ଧିଦିଅ
ଖାଦ୍ୟର ପସରା
ଥୋଇଦିଅ ଜଳର ଗଗରା,
ଦେଖିବ ! ସକାଳ ହେଉ ହେଉ
ପକ୍ଷୀକାକଳିର ମଧୁର ଗୁଞ୍ଜନ
ଦେହ,ମନ କରୁଛି ଶାନ୍ତ
ରଙ୍ଗପସରାରେ ସଜେଇ ହୋଇଥିବା
ପକ୍ଷୀଙ୍କୁ ଦେଖି
ପୁଅ,ଝିଅ, ନାତି, ନାତୁଣୀ
ହେବେ ଆନନ୍ଦିତ
ପକ୍ଷୀ ପାଇଁ ଦିନଟିଏ ନୁହେଁ
ବର୍ଷଟିଏ ନୁହେଁ
ଜୀବନ ଥିବା ଯାଏଁ
ପକ୍ଷୀଙ୍କ ପାଇଁ କରୁଥିବା ସେବା
ଇଏବି ହେବ ମାଧବ ସେବା
ପ୍ରକୃତି ସେବା, ପରିବେଶ ସେବା ।

❤ସଂସ୍କୃତ ଶିକ୍ଷକ, ସିଦ୍ଧେଶ୍ୱର କଲୋନୀ, ଜାନୁଗଞ୍ଜ, ବାଲେଶ୍ୱର

ଟିପଚିହ୍ନ
ସୁଜିତ କୁମାର ମିଶ୍ର

ବାରମ୍ବାର ମୋ ଟିପଚିହ୍ନ
ମୋ ଭିତରେ ହାରିଛି,ହଜିଛି,
ଉପହାସ କରୁଛି ।

ମୁଁ କିଟିମିଟିଆ ଅନ୍ଧାର ଭିତରେ ସନ୍ଦିହାନ,
ସେମାନେ ବିଜୟୀ ରାଜା,
ଆଲୋକର ପାର୍ବଣର ମଜା ।

ଏଇ ଟିପଚିହ୍ନ
ମୋ ବିକାଶର ନଈ ନା
ବିନାଶର କଳାଛାଇ,
ମୁଁ ଏଯାବତ ଅଙ୍କ
ଅନ୍ଧତ୍ୱକୁ ବାହି ବାହି ।

ଟିପଚିହ୍ନକୁ ନେଇ
ସେମାନଙ୍କ ଆଉ ମୋ ଭିତରେ
ରିତିମତ ଖେଳ,
ସେମାନେ ବସନ୍ତ ମୁଖର
ମୁଁ ତମାମ୍ ଜୀବନ ରୁଦ୍ରକାଳ ।

ମୋ ସ୍ୱପ୍ନର ସନ୍ତକ
ଏଇ ଟିପଚିହ୍ନ,
ତାକୁ ନେଇ ମୁଁ ସବଳରୁ
କଙ୍କାଳ,
ଆଶାର ସବୁଜିମା କ୍ଷେତରୁ
ଅସହାୟତାର ଶୁଷ୍କପଣ,
ମୋ ଟିପଚିହ୍ନର କରାମତି
ଉପେକ୍ଷାର ନଳବଣ ।

ନିସ୍ୱ ଓ ଟିପଚିହ୍ନ
ନିର୍ବାଚନୀ ଋତୁରେ ଓହ୍ଲାନ୍ତି ମଇଦାନ ।

ତାତିକୁ ଭେଦେ ଟିପଚିହ୍ନ
ପ୍ରତିଶ୍ରୁତିର ଲଲିପପ ଦେଇ
ଯୁଦ୍ଧ ଜୟୀ ନେତା ଉଭାନ୍,
ଗୋଟିଏ ଜଡ ଚିହ୍ନ ହୋଇ ରହିଯାଏ
ପୁଣି ପାଞ୍ଚ ବରଷ,
କୋଲ ମାରିଯାଏ ମୁଁ କଙ୍କାଳର ଦେହ
କୋଳେଇ ଶମଶାନ ।

ଟିପଚିହ୍ନର ପରିଣାମ ବେଶ୍ ଭୟଙ୍କର,
ଟିପଚିହ୍ନ ସଜାଡେ ଉଜୁଡା ଦୁଆର,
ଟିପଚିହ୍ନ ଗ୍ରାସେ ଅଭାବୀ ରକ୍ତକୁ
ନିରନ୍ତର ।

ଏକଛତ୍ରବାଦର ବଳୟ ଭିତରେ
ମୋର ଏ ଟିପଚିହ୍ନ କଣ
ହୋଇପାରିବ ମୋ ପାଇଁ ସୁସିଦ୍ଧାନ୍ତ,
ବାଛିପାରିବ ମନଜିଣା ମଣିଷଟିଏ,
ଯିଏ ବରଷାର ଧାରା ପରି ମୋତେ
କରିପାରୁଥିବ ପ୍ରେମ ପ୍ଲାବିତ ।

ଟିପଚିହ୍ନରୁ ଝରୁ
ଚୟନର ଚନ୍ଦନ ବାସ,
ଶେଷ ହେବ ବଇଶାଖ,
ଆଉ ବେଶୀ ଦୂର ନୁହେଁ
ମଙ୍ଗଳମୟ ମଧୁମାସ.... ।

ଏବେ ଟିପଚିହ୍ନ ଉପରେ
ଅନବରତ ନୀଳ ନଜର
ଲୁହରେ ନୁହେଁ, ଲକ୍ଷେ ସପନର ।

❤ଜନାର୍ଦ୍ଦନପୁର ଶାସନ କେନ୍ଦୁଝର
ମୋ:୭୬୮୩୮୬୭୭୪୨

ମାନପତ୍ର
ବିକାଶୀ ପ୍ରିୟଦର୍ଶିନୀ ରାଉତ

ପ୍ରତିଭାର ମାନ ରଖି,
ଅବା ସୁଗୁଣ ପରଖି,
ବ୍ୟକ୍ତିତ୍ୱର ସଦଗୁଣ
ଅବା ସଦାଚାର ଦେଖି,
ସୁଧିଜନ ବିଚାର ବୋଧରେ
ବିଚାରନ୍ତି ସମ୍ମାନ ଅର୍ପଣର
ମହାର୍ଘ ଚିନ୍ତନେ ।

ଚେତନାର ଜାଗରଣେ,
ପତ୍ରଟିଏ ଜନ୍ମନିଏ,
ସମ୍ମାନର ଦ୍ୱୀପ ଜଳେ
ପ୍ରେରଣାର ଶିହରଣେ,
'ମାନପତ୍ର' ଶିରୋନାମା ମଣ୍ଡନର
ଗରବରେ ଗାରିମା ଗୁଞ୍ଜରେ ।

ଆଜି କାଲି ମାନ ଆଉ
ସମ୍ମାନର 'ମାନପତ୍ର',
କିଣା ବିକା ବଜାରର
ମୂଲଚାଲ ପ୍ରେମ ପତ୍ର,
ଦାମ ନଥିବା ଦ୍ରବ୍ୟର ସରପକା
ସୂଚୀପତ୍ର ।

ଖାଲି ଯଦି ମାନପତ୍ରେ
ନିର୍ଦ୍ଧାରିତ ହେଇଥାନ୍ତା ମାନ,
କଲମକୁ ଚଷିଚଷି କବିଟିଏ
ହୁଅନ୍ତାନି ପାଗଳ ଭାବୁକ,
ମଣିଷ ଆପଣାନ୍ତା ନାଇଁ
ମାନବିକ ମୂଲ୍ୟବୋଧ
ଆଦର୍ଶ ମହକ ।

ବିଦ୍ୱାନୀ ବି ସାଧନ୍ତେନି
ଜ୍ଞାନର ସେ ଅମାପ ସାଧନା,
ବିଜ୍ଞାନର ଜିଜ୍ଞାସାରେ
ବୈଜ୍ଞାନିକ ଭୁଲନ୍ତାନି
ନିଜକୁ ଆଉ ନିଜ ସ୍ଥିତିର
ଚିନ୍ତା ଓ ଚେତନା ।

ମାନ ପାଇଁ ସୁହୃଦଙ୍କ
ମନ ତଳୁ ସଦା ଝରୁ
ଶ୍ରଦ୍ଧା ସମ୍ମାନର ଅପୂର୍ବ ଝରଣା,
ପ୍ରାପ୍ତକ ସାଉଣ୍ଟୁ ନିତି ପ୍ରେରଣା
ଆଶିଷର ସଶ୍ରଦ୍ଧ କରୁଣା ।

ଶସ୍ତା ମାନପତ୍ର ଲୁଟେ
ମହତପଣକୁ,
ମାନପତ୍ର ମୋହ ତେଜି
ବଢ଼ ହେ ଆଗକୁ ।

❤ସହକାରୀ ଶିକ୍ଷୟିତ୍ରୀ ବଡପଲ୍ଲୀ ପ୍ରାଥମିକ ବିଦ୍ୟାଳୟ, ରାଜନଗର,କେନ୍ଦ୍ରାପଡ଼ା

ଅଧୁରା ପ୍ରେମର ଗଳ୍ପ
କବିତା ପଣ୍ଡା

କିଏ ପଢୁ କି ନ ପଢୁ
କିଏ ଅବା ବୁଝୁ କି ନ ବୁଝୁ
ମଧୁରା କାହାଣୀର
ଅଧୁରା ପ୍ରେମ ଗଳ୍ପକୁ ।

ମୁଁ କିନ୍ତୁ ନିର୍ଭୁଲ୍ ଭାବରେ
ନିରେଖି ଗୋଟି ଗୋଟି କରି ପଢ଼ିଛି
ଲିପିବଦ୍ଧ ଥିବା ପ୍ରତିଟି ଶବ୍ଦକୁ ।
ତନ ତନ କରି ଦେଖିଛି
ଖୁବ୍ ନିକଟରୁ
ଅଙ୍କା ଯାଇଥିବା ସେ ହୃଦୟର
ଉଦାରତାର ନକ୍ସାକୁ ।

ମୁଁ ଅନୁଭବି ଅନୁଭବ କରିଛି
ବହୁ ଥିବା ଶିରା ଠୋ ପ୍ରଶିରା ଯାଏଁ
ପବିତ୍ରତାର ଜଳକୁ ।

ସବୁ କିଛି ନିର୍ମଳ
ନିଳ ଛଳ ଛଳ ଭାବନା
ବଞ୍ଚିବାର ରାହା ଦେଉ ଥିଲା ବେଳେ
ଫୁଟିପଡେ କେବେ ନିଳ କଇଁଟିଏ ହୋଇ ତ
ପୁଣି କେବେ ନିଳ ଛାତିରେ
ଜହ୍ନଟିଏ ସାଜି ଲୁଚିଯାଏ
ଅତି ନିଜର ହୋଇ ।

ଯେବେ ଦେଖେ ସବୁ କିଛି ଠିକ୍ ଠାକ୍
ନ ଥାଏ ଛଳନାର ପ୍ରତିଛବି କି
ନ ଥାଏ ପ୍ରତାରଣା ଦହନର ଜ୍ୱାଳା
ମନ ଲଗେଇ ପଢ଼ିବସେ
ନିରବରେ ନିରବି ମୁଁ
ଜୀବନ ଇତିହାସର
ଶେଷ ଅଧ୍ୟାୟକୁ ।

❤ ମଙ୍ଗଳପୁର, ସୋର, ବାଲେଶ୍ୱର

ସଦଗ୍ରନ୍ଥ
ତପନ କୁମାର ବେହେରା

ଅନୁଭବୀ ଜାଣେ ଅନୁଭବ କଥା
ନ କହିଲେ କେବା ଜାଣିବ
ବିନା ପରିକ୍ଷାରେ ସତ ମିଛ କେବା
କେଉଁ ପରି କିଏ ମଣିବ ।

ସଭିଙ୍କର ସ୍ମୃତି ନୁହଁଇ ସରସ
ଶୃତିକି ପାରିବ ଧରି
କାଳକ୍ରମେ କ୍ଷୟ ହୋଇବ ବିଲୟ
ହଜିଯିବ ସବୁ ଶୀରି ।

ସେଥିପାଇଁ ସନ୍ଥ ଲେଖିଛନ୍ତି ଗ୍ରନ୍ଥ
ପଢ଼ିଲେ ପାରିବୁ ଜାଣି
ପଢ଼ିକି ଆୟତ କଲେ କରାୟତ
ପାରିବୁ ସଭିଙ୍କୁ ଜିଣି ।

ଗ୍ରନ୍ଥି କାଟେ ବୋଲି ନାମ ତାର ଗ୍ରନ୍ଥ
ରଖିଛନ୍ତି ସାଧୁ ସନ୍ଥ
ବିଷୟା ବିଷକୁ କାଟିବାକୁ ତାକୁ
ମାନସ ନେତ୍ରରେ ମନ୍ଥ ।

ନ୍ୟାୟ ବ୍ୟାକରଣ ଜୀବନ ଦର୍ଶନ
ଶିଳ୍ପ କଳା ଗୁଣ ଜ୍ଞାନ
ଧର୍ମ ଅର୍ଥ କାମ ମୋକ୍ଷ ଚାରି ନୀତି
ଆଚରି ହୁଅ ମହାନ ।

ଚରକ ଶୁଶ୍ରୁତେ ଦେଇଥାଅ ମନ
ଚିକିତ୍ସା ଶାସ୍ତ୍ରକୁ ନେଇ
ଯୋଗଶାସ୍ତ୍ରେ ଯଗି ଥିଲେ ଏ ଶରୀର
ଅଜାମ୍ବର ହେବୁ ତୁହି ।

ଗୀତା ଭାଗବତ ବେଦ ଓ ପୁରାଣ
ଗ୍ରନ୍ଥ ମଧ୍ୟେ ସର୍ବ ସାର
କଲେ ଅଧ୍ୟୟନ ଉଦେ ହେବ ଜ୍ଞାନ
ଏ କଥାଟି ହେତୁ କର ।

ସଦଗ୍ରନ୍ଥ ପାଇଁ ଗୁରୁଙ୍କ ପୟର
ସବୁ ସମୟରେ ସେବ
ଗୁରୁ କୃପା କଲେ ପାରିହେବୁ ହେଳେ
ଆଚର ବିନୟ ଭାବ ।

❤ କାନପୁର, ନରସିଂହପୁର, କଟକ
ମୋ: ୭୦୦୮୧୮୮୩୫୬

ଆଖି ଇସାରାରେ କହିଚି କଥା ମୁଁ
ତାରାପ୍ରସାଦ ଜେନା

ଆଖି ଇସାରାରେ କହିଚି କଥା ମୁଁ
ବୁଝି ତ ପାରୁନ ତୁମେ
ନ ବୁଝିବାର କିବା ଛଳନା କରୁଛ
ପକାଇ ରଖୁଛ ଭ୍ରମେ
ଆଖି ଇସାରାରେ କହିଚି କଥା ମୁଁ ....!

ହସ ଚଇତାଳି ଓଠ ଚାହୁଁଥିଲା
ବିରହ ଝଡ଼ରେ ବନ୍ଦ
ରାଗ ରାଗିଣୀରେ ପାଦ ପଡୁଥିଲା
ରହିଗଲାଣି ସେ ଛନ୍ଦ,
ନିଦ ଚୋରାଇ ମୋ ସପନେ ଆସନା
ଏମିତି ମରୁଛି ପ୍ରେମେ
ଆଖି ଇସାରାରେ କହିଚି କଥା ମୁଁ .... !

ଯଉବନ ରଙ୍ଗ ଫିକା ପଡ଼ିଯାଏ
ମନରେ ପଶୁଛି ଦକ
ଜୀବନ ମାୟାରେ ମୋହଗ୍ରସ୍ତ ଭାରି
ବାଛୁନି କିଏବା ଠକ,
ନୀରବରେ ବାଟ ଛାଇ ଦେଖି ଦେଖି
ଭାବନା ଭାବରେ ରମେ
ଆଖି ଇସାରାରେ କହିଚି କଥା ମୁଁ ...!

ଦେହ ଦାହ ବେଶି ଲାଗୁଅଛି ପରା
କନ୍ଦାଇ ମାରନା ଆଉ
ସ୍ୱରୂପ ସୁନ୍ଦର ବିବେକ ମଣିକୁ
ବନ୍ଦାଇ ବସିଚି ଭାଉ,
ହାତ ଧରି ସାଥି ଛାତି ଆଉଜାଇ
ରଖିବ ସତରେ ବାମେ
ଆଖି ଇସାରାରେ କହିଚି କଥା ମୁଁ ....!

❤ସା.-ରଣପୁର(ଗୋଡ଼ିପାଟଣା ସାହି),
ଡାକ- ରାଜ ରଣପୁର, ଜିଲ୍ଲା- ନୟାଗଡ଼,
ପିନ୍- ୭୫୨୦୨୬, ଓଡ଼ିଶା
ମୋ: ୯୩୪୮୦୫୪୩୦୦

ଖରା
ବିପ୍ଳବ

ପଇଁଚାଳିଶ ଡିଗ୍ରୀ ଟପୁଥିଲା
ଅଧିକାଂଶ ସହରର ପାରଦ
ସବୁ ଜିଲ୍ଲାକୁ ପାଣିପାଗ ବିଭାଗର
ରେଡ୍ ୱାର୍ଣିଂ
ଜନ ଜୀବନ ଅସ୍ତବ୍ୟସ୍ତ
ବଦନାମ ବୈଶାଖ
ବଦନାମ ଖରା ।

ଏତେ ସବୁ ପରେ ବି
ବୃହତ୍ତକାୟ ବୃକ୍ଷମାନଙ୍କର ନିର୍ମମ ହତ୍ୟା
ଥମି ନାହିଁ
ମାଟିକୁ ଆକ୍ରମଣ କରି
ପେଭର ପ୍ୟାକ୍ କରିବା ଷଡ଼ଯନ୍ତ୍ର
ଅଟକି ଯାଇନି
ନୟନଯୋରି ପୋତି ତା ଉପରେ
ଆକାଶଛୁଆଁ କୋଠା
ନିର୍ମାଣର ସ୍ୱପ୍ନ ଶେଷହୋଇ ନାହିଁ ।

ଏ ସବୁ ଢୋକେ ପି
ଦଣ୍ଡେ ଜିଇ ଲୋକଙ୍କ ବୁଦ୍ଧି ନୁହେଁ
ଦଳେ ଚତୁର ଲୋକଙ୍କ କାରସାଦି !
ଗୋଟେ ନିର୍ମମ ସମୟ ପାଖରେ ଆମକୁ
ଠିଆ କରେଇ ନାଁ ଦେଇଛନ୍ତି ଅଂଶୁଘାତ
ପଦାକୁ ଛତା, ଜୋତା,
ବୋତଲ ଧରି ବାହାର
ବିଜ୍ଞାପନରେ ସାରି ଦେଇଛନ୍ତି ଦାୟିତ୍ୱ ।

ହେ ସ୍ୱାର୍ଥୀ ମଣିଷ
ପ୍ରାଣବିନ୍ଦୁରୁ ଶେଷ ଟୋପା ଝରିବା ଆଗରୁ
ସବୁଜଗ୍ରହକୁ ଫେରେଇଦିଅ
ତା ମାଟି, ତା ଗଛ, ତା ସବୁଜିମା ।

ଅନ୍ୟଥା ପ୍ରକୃତିକୁ
ଦୋଷ ଦେବାରୁ ନିବୃତ୍ତ ରୁହ
ସଂଯତ ରଖ ଜିଭ ।

❤ ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

ଅପେକ୍ଷା
ଡାଃ ଶଶିକାନ୍ତ ମହାନ୍ତ

କାକର ରାତିର
ନିଶବ୍ଦ ବୁକୁରେ
କାଟିଚାଲେ କ୍ଷଣ
ଭରା ହୃଦୟରେ
ଶୀତଳ ଜ୍ୟୋତ୍ସ୍ନାର
ନିର୍ମଳ ପ୍ରକାଶେ
ଖୋଜୁଛି ନିଜକୁ
ଅସ୍ଥିର ମାନସେ ।

ମାପିଚାଲେ ଜୀବନକୁ
ସୁଖଦୁଃଖ ନିକିତିରେ
ଖୋଜିବୁଲେ ଅସ୍ଥିତ୍ୱ ମୋ
ଅଦୃଶ୍ୟ ଭିଡ଼ରେ ।
ଚାରିଆଡେ ଧୂଆଁ ଧୂଆଁ
ସ୍ୱାର୍ଥର କୁହୁଡି
ପ୍ରତିକ୍ଷଣେ ଶାନ୍ତି
ଖୋଜେ
ଆଦର୍ଶର ବଳି ।

ହୃଦୟ ସାଜିଛି ଆଜି
ଅଶାନ୍ତ ସାଗର
ଦୀଶେ ନାହିଁ ତୀର
ପ୍ରଗାଢ ଅନ୍ଧାର
କେବେ ହଟିବ ସେ
କୁହୁଡି ପ୍ରଲେପ
ଜଳିବ ଅନ୍ତରେ
ସାନ୍ତ୍ୱନାର ଦୀପ
କାଟିଚାଲେ କ୍ଷଣ
ଭରା ହୃଦୟରେ
ସୁନେଲି ସକାଳ
ଆଭା ଅପେକ୍ଷାରେ ।

❤ବାରିପଦା,ମୟୂରଭଞ୍ଜ
ମୋ:୬୩୭୦୨୦୩୦୧୬

ସମ୍ପର୍କର ବାସ୍ତବତା
ଅନସୂୟା ପଣ୍ଡା

ଚିକ୍ ଚିକ୍ ଆଲୁଅର ମଖମଲି ସଂସାର
ମୋହର ଆତୁର ପଣରେ
ପ୍ରାପ୍ତି ପ୍ରତିଶ୍ରୁତିର ଉଚ୍ଚସ୍ୱର
ପ୍ରତିଷ୍ଠାର ତୃଷ୍ଣାରେ
ଲଟପଟ ମନର ସହର ।

ଜାଙ୍ଗମିକ ଦୁନିଆରେ ବିଳାସ ଆସର
ନାଲି କାର୍ପେଟରେ ଉତୁରିବାର ମୋହ
ଦଳିଚକଟି ହାତେଇ ନେବାର ପଣ
ଶୋଷିଶୋଷି ଉଭିଦେଇବାର କଳାରେ
ଅଧାରୁ ଅଧିକ ବାସ୍ତବରେ ପାରଙ୍ଗମ ।

କଥାରେ କବିତାରେ ଶ୍ରବଣ କୁମାର
କାମରେ ଶୁଖିଲା ଭାବ ଶୁଭେ ଠଣ ଠଣ
ସମ୍ପର୍କର ସଜ୍ଜା ନ ଜାଣି ଡିଣ୍ଡିମ ପିଟନ୍ତି
ସମ୍ପର୍କର ଚନ୍ଦ୍ରୋପଳ ଗଢିବାରେ ନିପୁଣ
ଏମିତି ଚକ୍ରବ୍ୟୁହରେ ଅପ୍ରସ୍ତୁତ
ଜୀବନ ଲାଗେ ମହଣ ମହଣ ।

କେଉଁଠି କାହାକୁ ଖୋଜିବ
ଅବିଶ୍ୱାସର ଧରାରେ ଦୁଇମୁଣ୍ଡିଆ ମଣିଷ
ବିକୃତ ମାନସିକତାରେ ସମସ୍ତେ
ଆପଣାର ସ୍ୱାର୍ଥରେ ମସଗୁଲ
ସମ୍ପର୍କର ମାୟାବୀ ମୋହରେ
ଛଟପଟ ଅଳ୍ପାୟୁ ଜୀବନ ।

❤ବୁର୍ଲା, ସମ୍ବଲପୁର
ମୋ:୯୪୩୯୧୧୯୭୧

ପାରାଦ୍ୱୀପ ଏଏମ୍/ଏନ୍ ଏସ୍ ଇଣ୍ଡିଆ ପକ୍ଷରୁ ଜଳ ଶୁଦ୍ଧିକରଣ ପ୍ଲାଣ୍ଟ ଓ ୱାଟର ଏଟିଏମ୍ ଉଦ୍‌ଘାଟିତ

ପାରାଦ୍ୱୀପ , ୨୦/୫ (ନି.ପ୍ର):, ୨୦/୫ (ନି.ପ୍ର): ଆର୍ସଲରମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ ଏସ୍ ଇଣ୍ଡିଆ) ଏହାର ସାମାଜିକ ଦାୟିତ୍ୱ ବୋଧ କାର୍ଯ୍ୟକ୍ରମ 'ପ୍ରକଳ୍ପ ତୃପ୍ତି' ଅଧୀନରେ ପାରାଦ୍ୱୀପର ନୂଆଗଡ଼ ଗ୍ରାମପଞ୍ଚାୟତ ଅନ୍ତର୍ଗତ ହାଣ୍ଡିଆ ଗ୍ରାମରେ ଏକ ଗୋଷ୍ଠୀ ଜଳ ବିଶୁଦ୍ଧୀକରଣ ପ୍ଲାଣ୍ଟ ସ୍ଥାପନ କରାଯାଇଛି । ଏହି ଜଳ ବିଶୁଦ୍ଧୀକରଣ ପ୍ଲାଣ୍ଟରେ ଏକ ୱାଟର ଏଟିଏମ୍ ସଂସ୍ଥାପନ କରାଯାଇଛି । ଯାହା ଫଳରେ ସ୍ଥାନୀୟ ବାସିନ୍ଦା ବିଶୁଦ୍ଧ ପାନୀୟ ଜଳ ପାଇପାରିବେ। ଗୋଷ୍ଠୀ ଜଳ ବିଶୁଦ୍ଧୀକରଣ ପ୍ଲାଣ୍ଟରେ ଅତ୍ୟାଧୁନିକ ମଲ୍ଟି-ଷ୍ଟେଜ୍ ଟ୍ରିଟମେଣ୍ଟ ଟେକ୍ନୋଲୋଜି ରହିଛି, ଯାହା ସ୍ଥାନୀୟ ଜନସାଧାରଣଙ୍କ ପାଇଁ ନିରାପଦ ଏବଂ ସ୍ୱଚ୍ଛ ଜଳ ସୁନିଶ୍ଚିତ କରିବ । କାର୍ଡ ଜରିଆରେରେ ହିତାଧିକାରୀ ମାନେ ଏଥିରୁ ପାଣି ସଂଗ୍ରହ କରିପାରିବେ । ଉକ୍ତ ଅତ୍ୟାଧୁନିକ ଜଳ ବିଶୋଧନ ପ୍ଲାଣ୍ଟରେ ଘଣ୍ଟାପ୍ରତି ୫୦୦ ଲିଟର ଜଳ ବିତରଣ କ୍ଷମତା ରହିଛି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ୧୫୦୦ ପରିବାର ଉପକୃତ ହେବେ ।

ଗତ ୧୬ ତାରିଖରେ କମ୍ପାନିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅପରେସନ୍ସ) ସୁରେଶ ଜିଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହେଇଯାଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ କମ୍ପାନିର ସିଏସଆର ମୁଖ୍ୟ ଡ଼ଃ ବିକାଶ ଯାଦବେନ୍ଦୁ, ଗ୍ରାମ ସଭାପତି ଅନାମ ସ୍ୱାଇଁ, ନାଏବ ସରପଞ୍ଚ ଲକ୍ଷ୍ମୀପ୍ରିୟା ମହାନ୍ତି, ଏସ.ଏଚ.ଜିର ମହିଳା, ଗ୍ରାମ ଯୁବ ସଂଗଠନର କର୍ମକର୍ତ୍ତା ସହ ଗ୍ରାମର ମୁରବି ମାନେ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ପରିପ୍ରେକ୍ଷୀରେ ରେ ସୁରେଶ ଜି କହିଛନ୍ତି ଯେ ଏଏମ୍ / ଏନ୍‌ଏସ୍ ଇଣ୍ଡିଆ 'ପ୍ରକଳ୍ପ ତୃପ୍ତି' ଅଧୀନରେ ଏହି ଜଳ ବିଶୋଧନ ପ୍ଲାଣ୍ଟ ସ୍ଥାପନ କରି ଗର୍ବିତ । ଆଉ ଏକ ଜଳ ବିଶୋଧନ ପ୍ଲାଣ୍ଟ ଓ ପାଣି ଏଟିଏମ୍ ମୃଷାଡିଆ ଗ୍ରାମରେ ଖୁବ୍‌ଶୀଘ୍ର ସ୍ଥାପନ ହେବା ବୋଲି ସେ କହିଛନ୍ତି।

କଂଗ୍ରେସ ପକ୍ଷରୁ ଭୋଟ ଭିକ୍ଷା କଲେ ଅଶୋକ ଦାସ

ବାସୁଦେବପୁର, ୨୦/୫ (ନି.ପ୍ର): ବାସୁଦେବପୁର ଭାରତୀୟ ଜାତୀୟ କଂଗ୍ରେସର ବିଧାନ ସଭା ପ୍ରାର୍ଥୀ ଅଶୋକ କୁମାର ଦାସ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି । ବାସୁଦେବପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟର ଭାଇ ଭଉଣୀ ମାନଙ୍କୁ ହାତ ଚିହ୍ନରେ ଭୋଟ ଦେବା ପାଇଁ ଅଶୋକ ଦାସ ନିବେଦନ କରିଛନ୍ତି । ଏହା ବ୍ୟତୀତ ଭଦ୍ରକ ଲୋକ ସଭା ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀଙ୍କୁ ହାତ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଛନ୍ତି । ବିଭିନ୍ନ ସ୍ଥାନରେ ସଂକଳ୍ପ ସମାବେଶ ଅନୁଷ୍ଠିତ ହେବା ସହିତ କଂଗ୍ରେସ ଦଳ ପକ୍ଷରୁ ଶୋଭାଯାତ୍ରା ଓ ଘରକୁ ଘର୍ ଭୋଟ ଭିକ୍ଷା ସହିତ ସାଧାରଣ ସଭା ଅନୁଷ୍ଠିତ ହେଉଛି । ରାଜୀବ

ଗାନ୍ଧୀ ଅମର ରହେ, ସୋନିଆ ଗାନ୍ଧୀ ଜିନ୍ଦାବାଦ, ରାହୁଲ ଗାନ୍ଧୀ ଜିନ୍ଦାବାଦ ଧ୍ୱନିରେ ପରିବେଶ ପ୍ରକମ୍ପିତ ହେଉଛି । ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଉନ୍ନତି ଓ ବିକାଶ ପାଇଁ ମୁଁ ସଦା ସର୍ବଦା ଉଦ୍ୟମ ଜାରି ରଖିଛି ବୋଲି ବିଧାୟକ ପ୍ରାର୍ଥୀ ଅଶୋକ ଦାସ ମତ୍ ପ୍ରକାଶ କରିଛନ୍ତି । ଲୋକ ସଭା ପ୍ରାର୍ଥୀ ଅନନ୍ତ ସେଠୀ, ମଧୁମିତା ସେଠୀ, କଂଗେସ ନେତା ଭକ୍ତ ରଞ୍ଜନ ପଟ୍ଟନାୟକ, ରମେଶ ଚନ୍ଦ୍ର ବଳ, ପ୍ରଭାତ ବାରିକ, ସୁଶାନ୍ତ ମହାକୁଡ, ମନୋରଞ୍ଜନ ପାଢ଼ୀ, ଅକ୍ଷୟ ବାରିକ ପ୍ରମୁଖ ନିର୍ବାଚନ ମଣ୍ଡଳୀ ପରିକ୍ରମା କରିଥିଲେ ।

ନୀଳଗିରି ବଣ ସୀମାରେ ସୁକାନ୍ତଙ୍କ ନିର୍ବାଚନୀ ପ୍ରଚାର

ନୀଳଗିରି , ୨୦/୫ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀରେ ସରଗରମ ହୋଇଛି ରାଜନୀତି। ଘରକୁ ଘର ବୁଲି ନିଜ ସପକ୍ଷରେ ଜନସମର୍ଥନ ହାସଲ କରିଚାଲିଛନ୍ତି ନେତା। ଆଗାମୀ ଜୁନ ୧ରେ ହେବାକୁ ଥିବା ଉଭୟ ବିଧାନସଭା ଓ ଲୋକସଭା ପାଇଁ ପ୍ରାର୍ଥୀମାନେ ବିଭିନ୍ନ ସ୍ଥାନରେ ସଭାସମିତି କରୁଥିବା ବେଳେ ରବିବାର ବିଜୁଜନତା ଦଳ ତରଫରୁ ନୀଳଗିରି ବିଧାୟକ ପ୍ରାର୍ଥୀ ସୁକାନ୍ତ କୁମାର ନାୟକ ବଣସୀମା ଅଞ୍ଚଳରେ ବିଭିନ୍ନ ପଞ୍ଚାୟତ ଯାଇ ମାରାଥନ ବୈଠକ କରିଥିବା ଦେଖିବାକୁ ମିଳିଥିଲା। ତେନ୍ତୁଳିଆ, ବରହମପୁର, ଓ ଧରମପୁର ପଞ୍ଚାୟତ ଠାରେ ନିଜ କର୍ମୀ ମାନଙ୍କ ସହିତ ଉପସ୍ଥିତ ରହି ବିଜେଡ଼ି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟର ହିସାବ ଦେଇଥିଲେ। ଆଗାମୀ ୧୦ବର୍ଷରେ ଓଡ଼ିଶା ଦେଶର ଏକ ନମ୍ବର ରାଜ୍ୟ ଗଠନ ହେବା ସହିତ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖିଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ଉପସ୍ଥିତ ଜନତାଙ୍କୁ ନିବେଦନ କରିଥିଲେ। ଯୁବ, ମହିଳା, ଛାତ୍ର ଏପରିକି ସବୁ ବର୍ଗର ଲୋକଙ୍କ ହିତ ସାଧନ ନିମନ୍ତେ ଦୀର୍ଘ ୨୫ବର୍ଷଧରି କାର୍ଯ୍ୟକରି ଆସୁଥିବା ବିଜେଡ଼ି ଦଳକୁ ପୁନର୍ବାର କ୍ଷମତାକୁ ଆଣିବା ପାଇଁ ହେଲେ ଯୋଡ଼ି ଶଂଖରେ ଭୋଟ ଦେଇ ବିଧାୟକ ପ୍ରାର୍ଥୀ ଭାବେ ସୁକାନ୍ତ ନାୟକ ଏବଂ ସାଂସଦ ଭାବେ ଡ଼ଃ ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ଜିତାଇବାକୁ ନିର୍ବାଚିତ କରିବାକୁ ସୁକାନ୍ତ ନାୟକ ଅନୁରୋଧ କରିଥିଲେ। ଉକ୍ତ ବୈଠକ ମାନଙ୍କରେ ବିଧାୟକଙ୍କ ସମେତ ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝି, ୧୧ନଂ ଜିଲ୍ଲାପରିଷଦ ସଭ୍ୟା ସୁବର୍ଣ୍ଣା ମଞ୍ଜରୀ ସିଂ, ଛାତ୍ରନେତା ଫ୍ରାନ୍ସିସ ବେକନ୍ ସ , ଉପେନ୍ଦ୍ର ଦାସ, କୁଳମଣୀ ନାୟକ, ଅଭିଷେକ ବେହେରା, ଅକ୍ଷୟ ବେହେରା, ବିଦ୍ୟୁତ୍ ପ୍ରଭା ପାତ୍ର , ଜୀବନ ନାୟକ, ବିଦ୍ୟାଧର ଦଳେଇ, ଗୌରୀଶଙ୍କର ପଣ୍ଡା ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିବା ବେଳେ ହଜାର ହଜାର ସଂଖ୍ୟାରେ ଜନତାଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

ଯୁବକଙ୍କ ଆତ୍ମହତ୍ୟା କାରଣ ଅସ୍ପଷ୍ଟ

ମାଲକାନଗିରି, ୨୦/୫ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅ ନ୍ତର୍ଗତ ଏମଭି ୪୧ଗ୍ରାମରେ ଆଜି ଅପରାହ୍ନରେ ଘଟି ଯାଇଛି ଏକ ଅଭାବନୀୟ ଘଟଣା । ଗ୍ରାମର ଅଗ୍ନି ଦାସ ଙ୍କ ୨ ୮ ବର୍ଷୀୟ ପୁଅ ପ୍ରବୀର ଦାସ ଗ୍ରାମ ନିକଟରେ ଥିବା ମାଲକାନଗିରି - କାଲିମେଳା ୩ ୨ ୬ ନମ୍ବର ଜାତୀୟ ରାଜପଥ କଡରେ ଏକ ଗଛରେ ଝୁଲି ଆତ୍ମହତ୍ୟା କରିଛି । ଏହା ଦେଖି ସେହି ରାସ୍ତାରେ ଯାଉଥିବା କିଛି ଲୋକ ତାଙ୍କ ପରିବାରକୁ ଖବର ଦେଇଥିଲେ । ପରେ ପରିବାର ଲୋକ ଓ ଗ୍ରାମବାସୀ ଘଟଣା ସ୍ଥଳରେ ପହଂଚି ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଂଚି ଘଟଣା ର ତଦନ୍ତ ଚଳାଇଥିବା ବେଳେ ଏହା ପ୍ରେମ ଜନିତ ଆତ୍ମହତ୍ୟା କିମ୍ବା ଆଇପିଏଲ କ୍ରିକେଟ ପାଇଁ ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି !

ଦେଶି ମଦ ବିକ୍ରି ବେଳେ ଚଢ଼ାଉ: ଜଣେ ଗିରଫ

ଜୟପୁର, ୨୦/୫ (ନି.ପ୍ର): ଦେଶି ମଦ ବିକ୍ରି ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢାଉ କରାଯାଇଛି । ଚଢାଉ କରି ଜଣେ ମହିଳା ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ମହିଳା ଅଭିଯୁକ୍ତ ଜଣକ ହେଲା ବୈରାଗିମଠ ଗ୍ରାମର ଗୌରି ବିଷୋୟୀ (୪୯) । ଅବକାରି ଥାନା ସୂଚନା ଅନୁଯାଇ ଦେଶି ମଦ ବିକ୍ରୟ ହେଉଥିବା ସୂଚନା ପାଇ ବୈରାଗିମଠ ଗ୍ରାମରେ ଚଢାଉ କରିଥିଲା । ଚଢାଉ କରି ୨୦ ଲିଟରେ ଦେଶି ମଦ ଜବତ କରିଥିଲା । ମହିଳା ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଓଆଇସି ନିଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି ।

ବିନା ଅନୁମତିରେ ଲାଗିଥିବା ହୋଡିଂକୁ ହଟାଇଲା ଫ୍ଲାଇଙ୍ଗ ସ୍କ୍ୱାର୍ଡ

କେନ୍ଦ୍ରାପଡ଼ା, ୨୦/୫ (ନି.ପ୍ର): ଭାରତର ମୁଖ୍ୟ ନିର୍ବାଚନ କମିଶନରଙ୍କ ଆଦର୍ଶ ଆଚରଣ ବିଧି ପାଳନ ପାଇଁ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ପ୍ରଦାନ କରିଛି । ପ୍ରଶାସନର ବିନା ଅନୁମତିରେ ଲାଗିଥିବା ହୋଡିଂ, ବ୍ୟାନର, ପୋଷ୍ଟରକୁ ହଟାଇବା ପାଇଁ ଫ୍ଲାଇଙ୍ଗ ସ୍କ୍ୱାର୍ଡ ବିଭିନ୍ନ ସ୍ଥାନରେ ଚଢାଉ କରି ସେଗୁଡିକୁ ହଟାଉଥିବା ଦେଖିବାକୁ ମିଳିଛି । ସେହିପରି ମାରୁତୀ ଛକ ନିକଟରେ ଲାଗିଥିବା କେତେକ ବ୍ୟାନର ଓ ହୋଡିଂକୁ ଫ୍ଲାଇଙ୍ଗ ସ୍କ୍ୱାର୍ଡର ସଦସ୍ୟମାନେ ହଟାଇ ନେଇଥିଲେ।

ବରିଷ୍ଠ ଶ୍ରମିକନେତା ସ୍ୱର୍ଗତ ରାଧାରମଣ ଷଡ଼ଙ୍ଗୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୨୦/୫ (ନି.ପ୍ର): ଓଡ଼ିଶା ଶ୍ରମିକ ଆନ୍ଦୋଳନର ଜଣେ ପ୍ରବୀଣ ନେତା ତଥା ରାଜ୍ୟ ସିଆଇଟିୟୁ, ପରିବହନ ଶ୍ରମିକ ସଂଘ, ଆଶା, ପାଚିକା, ଅଙ୍ଗନୱାଡ଼ି, ବ୍ୟାଙ୍କ୍‌ମିତ୍ର ଭଳି ସ୍କିମ୍ ୱାର୍କରସ୍‌ଙ୍କୁ ବାଲେଶ୍ୱର ତଥା ସମଗ୍ର ଓଡ଼ିଶାରେ ସଂଗଠିତ କରି ସେମାନଙ୍କ ନ୍ୟାର୍ଯ୍ୟ ଦାବି ହାସଲରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଥିବା ସାଥୀ ରାଧାରମଣ ଷଡ଼ଙ୍ଗୀଙ୍କ ବିୟୋଗରେ ନୂଆବଜାରସ୍ଥିତ ପରିବହନ ଶ୍ରମିକ ସଂଘ ସଭାଗୃହରେ ରବିବାର ଅପରାହ୍ନରେ ଏକ ଶ୍ରଦ୍ଧାଞ୍ଜଳି ସଭାଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ ତଥା ଶ୍ରମିକନେତା ପ୍ରଦୀପ୍ତ ପଣ୍ଡା ଏହି ସଭାରେ ଅଧକ୍ଷତା କରିଥିଲେ। ସ୍ୱର୍ଗତ ଷଡ଼ଙ୍ଗୀଙ୍କ ସହପାଠୀ ତଥା ସହକର୍ମୀ ସନ୍ତୋଷ ଦାସ ଓ ନିର୍ମଳ ନାୟକ ରାଧାରମଣଙ୍କର ସ୍ମୃତିଚାରଣ କରି ଛାତ୍ର ଆନ୍ଦୋଳନରୁ ଶ୍ରମିକ ସଂଗଠନ ଆନ୍ଦୋଳନରେ ତାଙ୍କର ସ୍ମୃତିଚାରଣ କରିଥିଲେ। ନିଜର ପରିବାର ଓ ନିଜର ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ନଦେଇ ସେ ମୃତ୍ୟୁ ପର୍ଯ୍ୟନ୍ତ ମେହନତି ମଣିଷର ସ୍ୱାର୍ଥପାଇଁ ସଂଗ୍ରାମ କରିଥିବା ସଂପର୍କରେ ତାଙ୍କର ସାଥୀ ଓ

ସହକର୍ମୀ ତଥା ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ପ୍ରକାଶ କରି ସ୍ୱର୍ଗତ ଷଡ଼ଙ୍ଗୀଙ୍କର ଉତ୍ସର୍ଗୀକୃତ ଜୀବନ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ମତ ଦେଇଥିଲେ। ଟିୟୁଏସିସିର ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ, ସିଆଇଟିୟୁର ରାଜ୍ୟ ସଂପାଦକ ରମେଶ ଚନ୍ଦ୍ର ଜେନା, ଜିଲ୍ଲା ଆବାହକ ବିଜୟ ପାତ୍ର, ଆଇଏନ୍‌ଟିୟୁସିର ସୁରେଶ ଚନ୍ଦ୍ର ବେହେରା, ଏଆଇଟିୟୁସିର ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା, ପ୍ରତିରକ୍ଷା କର୍ମଚାରୀ ସମନ୍ୱୟ ସମିତିର ସଭାପତି ଜଗଦୀଶ ବାରିକ, ଗଣତାନ୍ତ୍ରିକ ମହିଳା ସମିତିର ରାଜ୍ୟନେତ୍ରୀ ତାପସୀ ପ୍ରହରାଜ, ପାଚିକା ସଂଘ ପକ୍ଷରୁ ଲକ୍ଷାଣୀ ଷଡ଼ଙ୍ଗୀ, ସିପିଆଇ (ଏମ୍) ଜିଲ୍ଲା ସଂପାଦକ ଶିଶିର ହୁଇ, ବରିଷ୍ଠ ଆଇନଜୀବୀ ଶରତ କୁମାର ମହାପାତ୍ର, ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ଏମ୍‌ଇଏସ୍ ଶ୍ରମିକ ସଂଘ ପକ୍ଷରୁ ନିରଞ୍ଜନ ଦାସ, ଡାକ କର୍ମଚାରୀ ନେତା ଅକ୍ଷୟ କୁମାର ତ୍ରିପାଠୀ, ଓଏସ୍‌ଆର୍‌ଇଉ ସଂଘର ସଭାପତି ନୀଳମଣି ଦିକ୍ଷିତ, ଭିଟାମାଟି ସୁରକ୍ଷା ଆନ୍ଦୋଳନର ସଭାପତି ଅରୁଣ ଜେନା, ଓଡ଼ିଶା ପରିବହନ ଶ୍ରମିକ ସଂଘର ସଂପାଦକ ରାଜକିଶୋର ଲେଙ୍କା ଓ ଶ୍ରମିକନେତା ପ୍ରେମରଂଜନ ପାତ୍ର ପ୍ରମୁଖ ସ୍ମୃତିଚାରଣ କରି ବର୍ତ୍ତମାନ ଦେଶର ସଂବିଧାନ ଓ ନାଗରିକ ଅଧିକାର ପ୍ରତି ବିପଦ ଘନୀଭୂତ ହେଉଥିବାବେଳେ ସ୍ୱର୍ଗତ ଷଡ଼ଙ୍ଗୀଙ୍କ ଦୃଢ଼ ନେତୃତ୍ୱର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱର୍ଗତ ଷଡ଼ଙ୍ଗୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ପୁସ୍ତିକା ପ୍ରକାଶନ ପାଇଁ ସଭାରେ ମତ ପ୍ରକାଶ ପାଇଥିଲା। ଶେଷରେ ଅସିତ ବରଣ ଦାସ ଉପସ୍ଥିତମାନଙ୍କୁ କୃତଜ୍ଞତା ଜଣାଇଥିଲେ। ସଭା ପରିଚାଳନାରେ ମୃତ୍ୟୁଞ୍ଜୟ ରାଉତ, ସାଇକିଙ୍କର ନାୟକ, ବେଣୁଧର ବେହେରା, ନିରଞ୍ଜନ ସାହୁ, ସୁଶାନ୍ତ ସାହୁ, ପୂର୍ଣ୍ଣିମା ଲେଙ୍କା, ପ୍ରମୋଦ ନାୟକ, ଗଗନ ସିଂ ଓ ମହେନ୍ଦ୍ର ବେହେରା ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।

ଘଣ୍ଟୁଆ ସରପଞ୍ଚ ଓ ଦେଭୋଗା ସଦସ୍ୟ ପ୍ରତିନିଧି ବିଜେଡି ଛାଡ଼ି ଦଳ ବିଜେପିରେ ମିଶିଲେ

ଲଙ୍ଗଳେଶ୍ୱର,୧୯/୫ (ନିପ୍ର) ବସ୍ତା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆଙ୍କ ବାଲିଆପାଳ ବାସଭବନରେ ରବିବାର ପୂର୍ବାହ୍ନ ରେ ଘଣ୍ଟୁଆ ସରପଞ୍ଚ ସୁଶିଲ ପ୍ରଧାନ ଏବଂ ଦେଭୋଗା ପଞ୍ଚାୟତର ସଦସ୍ୟଙ୍କ ପ୍ରତିନିଧି ଧନଞ୍ଜୟ ଗିରି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ବିଜେଡି ଦଳ ଛାଡି ବିଜେପିରେ ମିଶିଛନ୍ତି। ଏହି ଅବସର ରେ ଘଣ୍ଟୁଆ ସରପଞ୍ଚ ସୁଶିଲ ଓ ଦେଭୋଗା ସଦସ୍ୟଙ୍କ

ପ୍ରତିନିଧି ଧନଞ୍ଜୟ ଗିରି ଙ୍କ ସମର୍ଥକ ଘଣ୍ଟୁଆ ପଞ୍ଚାୟତର ବିଷ୍ଣୁପୁର ଗ୍ରାମର ବରେନ୍ଦ୍ର ପଣ୍ଡା, ସୃଷ୍ଟି ଧର ଧଳ, ବଡକସବା ଗ୍ରାମର ମହେଶ୍ୱର ପାତ୍ରଙ୍କ ସହିତ ବାହୁ ସମର୍ଥକ ବିଜେଡି ଦଳ ଛାଡ଼ି ବିଜେପି ଦଳରେ ମିଶିଲେ ହୋଇଛନ୍ତି ।ବସ୍ତା ନିର୍ବାଚନ ମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ଶ୍ରୀ ଅଣ୍ଡିଆ ସମସ୍ତ ନବଗତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।

ବିଷ୍ଣୁବ୍ରତଙ୍କ କର୍ମୀ ସମାବେଶ ଅନୁଷ୍ଠିତ

ବାସୁଦେବପୁର, ୨୦/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରୁହା, ନରସିଂହପୁର, ଅ ରଣ୍ଡୁଆ , ଗୁଆ ଗଡିଆ,ରାଜଘର ପୋଖରୀ, ବାଲି ମୁଣ୍ଡା ପ୍ରଭୃତି ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ କର୍ମୀ ସମାବେଶ ଓ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ବିଜେଡି ଦଳର ବିଧାନ ସଭା ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତରାୟ ଓଡ଼ିଶାର ଲୋକ ପ୍ରିୟ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଫଳ ଯୋଜନା ସମ୍ପର୍କରେ ଭୋଟର ଭାଇ ଭଉଣୀ ମାନଙ୍କୁ ବୁଝାଇ ଥିଲେ । ଶଙ୍ଖ

ଚିହ୍ନରେ ବିଧାନ ସଭା ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତରାୟ ଓ ଲୋକ ସଭା ପ୍ରାର୍ଥୀ ମଞ୍ଜୁ ଲତା ମଣ୍ଡଳ ଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ । ଓଡ଼ିଶାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଅଧିକ ବିକାଶ ଓ ଉନ୍ନତି ହୋଇଛି ବୋଲି ଶ୍ରୀ ରାଉତରାୟ ମତ ପ୍ରକାଶ କରିଛନ୍ତି । ପୂର୍ବତନ ମୁଖ୍ୟ ମନ୍ତ୍ରୀ ନୀଳମଣି ରାଉତରାୟ, ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଏହି ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ଅତୀତ ରେ ଅନେକ ଉନ୍ନତି କରିଥିଲେ ବୋଲି ବିଷ୍ଣୁ ବ୍ରତ ରାଉତରାୟ ମତ ପ୍ରକାଶ କରିଛନ୍ତି । ବିଜୁ ପଟ୍ଟନାୟକ ଅମର ରହେ ଧ୍ୱନି ରେ ପରିବେଶ ପ୍ରକମ୍ପିତ ହୋଇଥିଲା ।

ଖୋର୍ଦ୍ଧା ପୌରପରିଷଦ ୫ ନମ୍ବର ୱାର୍ଡରେ ବିଜେଡ଼ି ନିର୍ବାଚନ ସଭା

ଖୋର୍ଦ୍ଧା , ୨୦/୫ (ନି.ପ୍ର): ଖୋର୍ଦ୍ଧା ଅଞ୍ଜୁଶ୍ରୀ କଲ୍ୟାଣ ମଣ୍ଡପରେ ବିଜେଡ଼ି ଏକ ନିର୍ବାଚନ ସଭା କରାଯାଇ ଥିଲା । ଉକ୍ତ ସଭା ଟି ୫ ନମ୍ବର କାଉନସିଲର ଶ୍ରୀଯୁକ୍ତ ଅମୟ କୁମାର ମହାନ୍ତିଙ୍କ ଆହ୍ୱାନ କ୍ରମେ ସମସ୍ତ ବାସିନ୍ଦା ଘର ପିଛା ପୁରୁଷ, ମହିଳା ଓ, ଛାତ୍ର ଯୋଗ ଦେଇ ଥିଲେ। ଉକ୍ତ ସଭାରେ ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ସାହୁ ,ବର୍ତ୍ତମାନ ବେଗୁନିଆ ଓ ବୋଲଗଡ଼ ବିଧାୟକ, ଏବେ ୨୦୨୪ ନିର୍ବାଚନରେ ବିଜେଡ଼ି ଖୋର୍ଦ୍ଧା ବିଧାୟକ ଭାବେ ପାର୍ଥି ହୋଇ ଲଢୁଛନ୍ତି। ପୌର ପରିଷଦ ୫ ନମ୍ବର ୱାର୍ଡ ବିଜେଡ଼ି କାଉନସିଲର ଆମୟ ମହାନ୍ତି, ଦିଲୀପ ମହାନ୍ତି (ନଣ୍ଡା) ଖୋର୍ଦ୍ଧା ପୌର ଅଧକ୍ଷା ଶ୍ରୀମତି କନକ ଲତା ମହାନ୍ତି, ମକୁନ୍ଦପ୍ରସାଦ କାଉନସିଲ ବାବୁ ଖାଁ, ୫ ୱାର୍ଡର ନମ୍ବର ବିଶିଷ୍ଟ ବେକ୍ତି ଶ୍ରୀଯୁକ୍ତ ମଙ୍ଗରାଜ, ଖୁଣ୍ଟିଆ ଅଦି ସମସ୍ତ ପୁରୁଖା ଲୋକ ଯୋଗ ଦେଇ ଥିଲେ। ଶ୍ରୀଯୁକ୍ତ ସାହୁ ଖୋର୍ଦ୍ଧା ବିଧାୟକ ୧୦ ବର୍ଷ ରହି ଯାହା ଯାହା କରିଥିଲେ ତା ପ୍ରକାଶ କରିଥଲେ। ଏବେ ଯଦି ସେ ବିଧାୟକ ଖୋର୍ଦ୍ଧା ହୋଇ ନିର୍ବାଚିତ ହୁଅନ୍ତି ,ସମସ୍ତ ଉନ୍ନତି ମୂଳକ କ

ଜ୍ଞାନ ବାଣ୍ଟୁଛି ଲୋକନାଥ ପାଠାଗାର: ମୋବାଇଲ୍ ଛାଡ଼ି ବହି ଧରିବାକୁ ଆହ୍ୱାନ

ବାସୁଦେବପୁର, ୨୦/୫ (ନି.ପ୍ର): ବାସୁଦେବପୁର ସହରର ଅଗ୍ରଣୀ ବାଇଚଢ଼େଇ ପରିବାର ଓ ଲୋକନାଥ ପାଠାଗାର ପକ୍ଷରୁ ଭ୍ରାମ୍ୟମାଣ ପାଠକୀୟ ଅଭିଯାନ ଜାରି ରହିଛି ।ପ୍ରଚଣ୍ଡ ରୌଦ୍ରତାପ ପାଇଁ ଗ୍ରୀଷ୍ମକାଳୀନ ଛୁଟି ପଡ଼ିଥିବାରୁ ପିଲାମାନେ ଘରେ ରହି ମୋବାଇଲ୍ ଧରି ସମୟ ନଷ୍ଟ କରୁଛନ୍ତି । ଯେଉଁଥିପାଇଁ ଘରୋଇ ପରିବେଶ ଅଶାନ୍ତ ହେବା ସହିତ ପିଲାମାନଙ୍କର ବୌଦ୍ଧିକ ବିକାଶ ହେଉନାହିଁ ।ଏହି ପ୍ରସଙ୍ଗକୁ ଅନୁଭବ କରି ଲୋକନାଥ ପାଠାଗାର ବାସୁଦେବପୁରରେ ଗଢି ଉଠିଥିବା ବିଭିନ୍ନ କୋଚିଙ୍ଗ ସେଣ୍ଟର ବୁଲି ବହି ଆମର ପରମ ବନ୍ଧୁ ର ଗୁରୁତ୍ୱ ଉପରେ ମାର୍ଗଦର୍ଶନ କରୁଛି ।ଆଜି ବିନାୟକପୁର ପଞ୍ଚାୟତର ବେଲାସାଉଁଳିଆ ତ୍ରିଶୁଳ କୋଚିଙ୍ଗ ସେଣ୍ଟରରେ ଏକ ଅଭିନବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂଗ୍ରାହକ ବିକାଶ କୁମାର ଶତପଥୀ ବହି ସମ୍ପର୍କରେ ପିଲାଙ୍କ ଆଗ୍ରହ ସୃଷ୍ଟି କରିବା ସହିତ ସଂଗ୍ରହାଳୟର ବହୁ ଦୁର୍ଲ୍ଲଭ ଡାକ ଟିକେଟ,ବିରଳ ତାଳପତ୍ର ପୋଥୀ,ଦେଶ ବିଦେଶର ମୁଦ୍ରା ଓ କିଛି ପ୍ରାଚୀନ ଜିନିଷମାନ ପିଲାମାନଙ୍କୁ ଦେଖାଇ ସେ ସମ୍ପର୍କରେ ବୁଝାଇ ଥିଲେ ।ଏଥିରେ ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର,ଅଧ୍ୟାପକ ବ୍ରଜ ମୋହନ ଦାଶ,ରମେଶ ଚନ୍ଦ୍ର ସାହୁ, ହରେରାମ ବେହେରା, ସାଇପୂଜା ନାୟକ, ରଣଜିତ୍ କୁମାର ସାହୁ, କ୍ଷିତିଶ୍ୱର ବାରିକ୍ ପ୍ରମୁଖ ଉପସ୍ଥିତ ରହି ମୋବାଇଲର ବହୁଳ ବ୍ୟବହାର ଫଳରେ ବିଦ୍ୟାର୍ଥିମାନେ ପୁସ୍ତକଠାରୁ ଦୂରେଇ ଯିବା ସମ୍ପର୍କରେ ଆଲୋଚନା କରିଥିଲେ । ପାଠାଗାର ପକ୍ଷରୁ ୧୨୦ଜଣ ଛାତ୍ର ଛାତ୍ରୀଙ୍କୁ ମନଛୁଆଁ କାହାଣୀ,ଜ୍ଞାନ ବିଜ୍ଞାନ କଥା,ସାଧାରଣଜ୍ଞାନ ଓ ମହାପୁରୁଷଙ୍କ ଜୀବନୀ ପୁସ୍ତକ ନିଃଶୁଳ୍କ ଭାବେ ପଢ଼ିବା ପାଇଁ ଯୋଗାଇ ଦିଆ ଯାଇଥିଲା । ଶେଷରେ ଅମିୟ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କ ଅତିରିକ୍ତ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର, ୨୦/୫ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଓଡିଶା ସାହିତ୍ୟ ଏକାଡେମୀ ଓ ସଙ୍ଗୀତ ନାଟକ ଏକାଡେମୀର ସଭାପତି ଓ ଉପସଭାପତିଙ୍କ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ଉଭୟ ଏକାଡେମୀର ଏହି ଦୁଇ ପଦବୀ ଗ୍ରହଣ କରିଥିବା ବ୍ୟକ୍ତି ବିଶେଷଙ୍କ କାର୍ଯ୍ୟକାଳ ଆଜି ପୂରଣ ହୋଇଥିବାରୁ ବିଭାଗର ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ । ସେହିଭଳି ଓଡିଶା ଲଳିତକଳା ଏକାଡେମୀ ସଚିବ ପଂଚାନନ ସାମଲଙ୍କ କାର୍ଯ୍ୟକାଳ ଆଜି ପୂରଣ ହେଉଥିବାରୁ ତାଙ୍କ ସ୍ଥାନରେ ବିଭାଗୀୟ ଉପନିର୍ଦ୍ଦେଶକ ଦେବାନନ୍ଦ ବରିହାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି । ଏଥିସହ ଓଡିଶା ଉର୍ଦ୍ଦୁ ଏକାଡେମୀ ସଚିବ ଡଃ ସୟେଦ ମୁସିର ଆଲାମଙ୍କ ସ୍ଥାନରେ ବିଭାଗୀୟ ଉପ ନିର୍ଦ୍ଦେଶକା ଶ୍ରୀମତୀ ଶୁଚିସ୍ମିତା ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଡଃ ଆଲାମଙ୍କ କାର୍ଯ୍ୟକାଳ ଆଜି ଶେଷ ହେଉଥିବା ଦୃଷ୍ଟିରୁ ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଶ୍ରୀମତୀ ମନ୍ତ୍ରୀଙ୍କୁ ବିଭାଗ ପକ୍ଷରୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି । ଆଜି ବିଭାଗ ପକ୍ଷରୁ ବିଦାୟୀ ଅଧିକାରୀ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଭବିଷ୍ୟତ ଜୀବନ ପାଇଁ ଶୁଭେଚ୍ଛା ପ୍ରଦାନ କରାଯାଇଛି ।

ଅନୁଗୋଳରେ ପ୍ରଧାନମନ୍ତ୍ରୀଙ୍କ ସହ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଅନୁଗୋଳ, ୨୦/୫ (ନି.ପ୍ର): ପଇଁତରାବାଜି, ଗୁଜବ ଓ ମିଛ ସୁଆଙ୍ଗ ମାଧ୍ୟମରେ ଲୋକଙ୍କୁ ପ୍ରଭାବିତ କରିବା ବିଜେଡିର ନିର୍ବାଚନୀ ପ୍ରସଙ୍ଗ ହୋଇଛି । ଓଡ଼ିଶା ବାହାରର କିଛି ଗ୍ୟାଙ୍ଗ୍ ଓଡ଼ିଶାର ଶାସନକୁ ସମ୍ଭାଳିବାର ଅପଚେଷ୍ଟା କରୁଛନ୍ତି ବୋଲି ସୋମବାର ଅନୁଗୋଳରେ ବିଜେପି ପକ୍ଷରୁ ଆୟୋଜିତ 'ବିଜୟ ସଂକଳ୍ପ ସମାବେଶ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଏଠାକାର ସରକାରର ସମ୍ବେଦନହୀନତା ଲୋକଙ୍କର ସବୁଠୁ ବଡ ଦୁଃଖ ବୋଲି ଆଜି ପ୍ରଧାନମନ୍ତ୍ରୀ କହିଛନ୍ତି । ଓଡ଼ିଶାର ଲୋକମାନେ ବାହାରିଆ ଶାସନର ଷଡଯନ୍ତ୍ର ହେଉଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ରାଜନୈତିକ ସମର୍ଥକମାନେ ଭେଟିବା ଅବସ୍ଥାରେ ନାହାନ୍ତି । ରାଜ୍ୟର ମୁଖ୍ୟ ଶାସନ ସଚିବ, ଡିଜି, ସଚିବମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ସୁଯୋଗ ପାଉନାହାନ୍ତି । ବିଜେଡିର ଗୁମାସ୍ତା ମହାନଦୀ ସମ୍ପର୍କରେ ଭିଡିଓ ଜରିଆରେ ଏକ ମନ୍ତବ୍ୟ ଦେଇଛନ୍ତି । ତେବେ ବିଗତ ୫ ରୁ ୬ ବର୍ଷ ହେବ ଓଡ଼ିଶାରେ ଗୋଟିଏ ବି କ୍ୟାବିନେଟ୍ ବୈଠକରେ ମହାନଦୀ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ହୋଇଛି କି ? ଯଦି ଆଲୋଚନା ହୋଇଛି ତେବେ ତାହାର ମିନିଟ୍ସ ରେକର୍ଡ ଦେଖାଇବା ପାଇଁ ସେ ଦାବି କରିଛନ୍ତି । ସେ କହିଛନ୍ତି କେବଳ ପଇଁତରା ବାଜି କରିବା, ଲୋକଙ୍କ ମିଛ କଥା କହିବା, ଗୁଜବରେ ପ୍ରଭାବିତ କରିବା ତାଙ୍କର ଲକ୍ଷ୍ୟ ହୋଇଛି । ଓଡ଼ିଆ ଭାଷା, ଅସ୍ମିତା, ସଂସ୍କୃତି ପ୍ରତି କ'ଣ ଆଘାତ ହୋଇଯାଇପାରେ, ସେଥିପାଇଁ ସେମାନେ ନୂଆ ଯୋଜନା କରୁଛନ୍ତି । ଏହା ବିରୋଧରେ ଜନବିରୋଧ ଆରମ୍ଭ ହୋଇଗଲାଣି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ମା' ହିଙ୍ଗୁଳା, ମା' ବୁଢୀ ଠାକୁରାଣୀଙ୍କ ପବିତ୍ର ଭୂମି ତଥା ବୀର ମାଟି ଖଣିଜ ସମୃଦ୍ଧ ଅଞ୍ଚଳ ଅନୁଗୋଳକୁ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ । ଏହି ମାଟି ବିପ୍ଳବୀ ସାରଙ୍ଗଧର ଦାସ, ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ପବିତ୍ର ମୋହନ ପ୍ରଧାନ, ଶହୀଦ ବିକା ନାଏକ, ରାଜା ସୋମନାଥ ସିଂହ ଜଗଦ୍ଦେବ, ମହେଶ ଚନ୍ଦ୍ର ସୁବାହୁ ସିଂହ, ଶହୀଦ ବାଜି ରାଉତ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବେଣୁଧର ପଣ୍ଡା, ହରମୋହନ ପଟ୍ଟନାୟକ, ଲକ୍ଷ୍ମୀଧର ସାହୁ, ବୈଷ୍ଣବ ଚରଣ ପଟ୍ଟନାୟକଙ୍କ ବୀର ଭୂମି । ଅନୁଗୋଳ ଜିଲ୍ଲାକୁ ଦେଶର ଯଶସ୍ୱୀ ନେତା ପ୍ରଧାନମନ୍ତ୍ରୀଙ୍କ ଆଗମନ ଢେଙ୍କାନାଳ ଓ ସମ୍ବଲପୁର ଲୋକସଭା କ୍ଷେତ୍ରର କାର୍ଯ୍ୟକର୍ତ୍ତା ଓ ଜନସାଧାରଣଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିଛି । ବିକାଶର ଗ୍ୟାରେଣ୍ଟି ଉପରେ ସମସ୍ତଙ୍କ ବିଶ୍ୱାସ ବଢିଛି । ଢେଙ୍କାନାଳ ଲୋକସଭା କ୍ଷେତ୍ରରେ ସମ୍ପନ୍ନତା ଓ ସ୍ୱାଭିମାନ ପାଇଁ ଲଢେଇ ହେଉଛି । କିଛି ଲୋକ ଟଙ୍କା ମାଧ୍ୟମରେ ରାଜନୀତି ସହ ସବୁ କିଛି ହାସଲ କରିବା ପାଇଁ ଚାହୁଁଛନ୍ତି । ଏଥିର ନିର୍ବାଚନରେ ଲୋକମାନେ ଏହାର ଜବାବ୍ ଦେବେ । ଯିଏ ଆମ ପାଇଁ ବିକାଶ ଆଣିବ, ଯିଏ ଭାରତକୁ ସୁରକ୍ଷିତ ରଖିବ, ସିଏ ଓଡ଼ିଶାକୁ ୧ ନମ୍ବର ରାଜ୍ୟ କରିବା ପାଇଁ ମୋଦୀ ପଣ କରିଛନ୍ତି ବୋଲି ସେ କହିଛନ୍ତି ।

ବିଶିଷ୍ଟ କବି ତ୍ରିଲୋଚନ ଖଣ୍ଡାଙ୍କ ଶ୍ରାଦ୍ଧ ବାର୍ଷିକୀ ଓ ସ୍ମୃତିସଭା

ବାଲିଆପାଳ, ୨୦/୫ (ନି.ପ୍ର): ବାଲିଆପାଳର ସୁନାମଧନ୍ୟ କବି ସାହିତ୍ୟିକ ତଥା ଜ୍ୟୋତିର୍ବିତ ସ୍ୱର୍ଗତ ତ୍ରିଲୋଚନ ଖଣ୍ଡାଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ସ୍ମୃତି ସଭା ପଞ୍ଚରୁଖିସ୍ଥିତ ତାଙ୍କ ବାସ ଭବନଠାରେ ୨୦/୫/୨୪ ସୋମବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ବିଶିଷ୍ଟ ସାହିତ୍ୟିକ ଓ କବି ବ୍ରଜେନ୍ଦ୍ର ନାଥ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଦୀନକୃଷ୍ଣ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ବିପିନ ବିହାରୀ ବିଶ୍ୱାଳ ମଞ୍ଚ ମଣ୍ଡନ କରିଥିବା ସମୟରେ ମୁଖ୍ୟ ବକ୍ତା ଭାବେ ଜାମଶୂଳୀ ଲକ୍ଷ୍ମୀ ନାରାୟଣ ମହା ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ବିଜୟ କୁମାର ଦେ, ସମ୍ମାନୀୟ ଅତିଥି ଭାବେ ଅବସରପ୍ରାପ୍ତ ଆୟୁର୍ବେଦାଚାର୍ଯ୍ୟ ତଥା ବାଲିଆପାଳ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଡଃ ବଙ୍କିମ ଚନ୍ଦ୍ର ଜେନା ଓ ବାଲିଆପାଳ ପୂଜ୍ୟପୂଜା ସାହିତ୍ୟ ସଂସଦର ସମ୍ପାଦକ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ଝାଡ଼େଶ୍ୱର ପ୍ରଧାନ ମଞ୍ଚାସୀନ ହୋଇଥିଲେ । ଅତିଥିମାନଙ୍କ ଦ୍ୱାରା ସ୍ୱର୍ଗତ ଖଣ୍ଡାଙ୍କ ପ୍ରତିଛବିରେ ମାଲ୍ୟାର୍ପଣ ପରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ମଞ୍ଚାସୀନ ଅତିଥିମାନଙ୍କ ବ୍ୟତିରେକ ଉପସ୍ଥିତ ଅତିଥିମାନଙ୍କ ମଧ୍ୟରୁ ଗାନ୍ଧୀ ଚେତନା ଓ ବ୍ରହ୍ମ ଅନ୍ୱେଷଣ କେନ୍ଦ୍ରର ପ୍ରତିଷ୍ଠାତା ତଥା ସାମ୍ବାଦିକ ସନ୍ୟାସୀ ବେହେରା, ଜନ୍ମେଜୟ ସାହୁ, ଓଡ଼ିଆ ଅଧ୍ୟାପିକା ଡଃ କୃଷ୍ଣା କୁମାରୀ ନାୟକ, ଅବସରପ୍ରାପ୍ତ ବାୟୁସେନା ସେକେଣ୍ଡ ଲେଫଟନେଣ୍ଟ କମଳ ଲୋଚନ ପିଳା, ସୁକନ୍ୟା ସାହିତ୍ୟ ସଂସଦର ସମ୍ପାଦିକା ସ୍ନେହଲତା ନାୟକ, ସୁସାହିତ୍ୟିକ ତଥା କବି ସଚ୍ଚିନ୍ଦ୍ର ନନ୍ଦୀ, ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ତଥା ସାମ୍ବାଦିକ ବୀର ମାଧବ ଦାସ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀହରି ମଣ୍ଡଳ ପ୍ରମୁଖ ସ୍ୱର୍ଗତ ଖଣ୍ଡାଙ୍କ ସ୍ମୃତି ଚାରଣ କରିଥିଲେ । ଅନ୍ତତଃ ସ୍ୱର୍ଗତ ଖଣ୍ଡାଙ୍କ କନିଷ୍ଠ ପୁତ୍ର ଇନ୍ଦୁ ଭୂଷଣ ଧନ୍ୟବାଦ ଦେଇଥିଲେ ।

DECLARATION ABOUT CRIMINAL CASES

(As per the Commission's directions issued in Pursuance of the Order dated 13.02.2020 of the Hon'ble Supreme Court in Contempt Petitions(C) no. 2192 of 2018 in WP (C) no. 536 of 2011.

Name of the Political Party : **INDIAN NATIONAL CONTRESS**
Name of Election : **GENERAL ASSEMBLY ELECTION 2024**
Name of State / UT : **ODISHA**
Name of Constituency : **39 - REMUNA (SC) ASSEMBLY CONSTITUENCY**
Name of candidate : **SUDARSHAN JENA**

I, **SRI SUDARSHAN JENA**, a candidate for the above mentioned election, declare for public information the following details about my criminal antecedents :

(1) **Criminal antecedents : (a) Name of the offences -** 188,427 JPC. (b) Case no. : C.T. 830 / 2009 **(c) Name of the Court -** JMFC (Rural), Balasore **(d) Whether charges have been framed or not (Yes / No) :** Yes **(e) Date of conviction, if any :** Not applicable **(f) Date of punishment undergone, if any :** Not applicable **(g) Any other information required to be given :** Not applicable

(2) **The reasons for the selection of the candidate. Selection shall be with reference to the qualifications, achievements and merit of the candidate, and not mere "winnabilit" at the.oils not more than 100 words) :** Long years in public life and public sevice. Known for his integrity and political probity

(3) **Reason as to why other individuals without criminal antecedents could not be selected as candidates (not more than 100 words) :** There was not such a candidate.

* In this case of election to Council of States or States or election to Legislative Council by MLAs, mentionthe election concerned in place of name of Constituency.

Sd/- Sudarshan Jena

୨୩ରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ

ଭୁବନେଶ୍ୱର, ୨୦/୫ (ନି.ପ୍ର): ଆସନ୍ତା ୨୨ ତାରିଖ ବେଳକୁ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ପରବର୍ତ୍ତୀ ୪୮ ଘଂଟା ଅର୍ଥାତ୍ ୨୪ ତାରିଖ ବେଳକୁ ଏହା ଅବପାତର ରୂପ ନେଇପାରେ । ଏହାର ପ୍ରଭାବରେ ୨୪ରୁ ଉପକୂଳ ଓଡିଶା ସମେତ ବିଭିନ୍ନ ଜିଲ୍ଲାରେ ବର୍ଷାର ପରିମାଣ ବଢିପାରେ । ଏହାସହ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କିମି ଓ ବେଳେ ବେଳେ ୬୦ରୁ ୭୦ କିମି ରହିପାରେ ବୋଲି ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ ବିଭାଗ । ଫଳରେ ୨୩ ସକାଳୁ ସମୁଦ୍ର ଅଶାନ୍ତ ରହିବ । ଏଥିପାଇଁ ୨୩ ତାରିଖରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ନବୀନଙ୍କୁ ମୋଦିଙ୍କ ପୁଣି ....

ମୌକା ଦେଇଛନ୍ତି, ଏବେ ତାର ଯିବା ସମୟ ଆସିଯାଇଛି । ମନ୍ତ୍ରୀ ବିଜେଡିକୁ ଛାଡ଼ି ଦ୍ରୁତ ବେଗବାନ ବିଜେପିକୁ ସୁଯୋଗ ଦିଅନ୍ତୁ ବୋଲି ମୋଦି କହିଛନ୍ତି । ଏଥିସହ ବିଜେଡି ସରକାରର ଅଧିକାଂଶ ପ୍ରକଳ୍ପ ଅଧୁରା ପଡ଼ିରହିଛି । ବିଜେଡି ନେତା ଧାନଚାଷୀଙ୍କୁ ମଣ୍ଡିରେ ଲୁଟୁଛନ୍ତି । ବିଜେପି ସରକାର ଆସିଲେ ଓଡ଼ିଶାରେ ଧାନ ୩୧ଶହ ହେବ । ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ଧାନ ପଇସା ବ୍ୟାଙ୍କ ଖାତାରେ ମିଳିଯିବ । କଟନୀଛଟନୀରୁ ମୁକ୍ତି ଦେବାକୁ ମଣ୍ଡିରେ ଇଲେକ୍ଟ୍ରି ମେସିନ ଲାଗିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବିଜେଡିର କଳାକାରନାମାର ଚିଠା ସାମ୍ନାକୁ ଆସିଗଲାଣି । ବିଜେଡି ସରକାର ବନଜାତ ଦ୍ରବ୍ୟର ପ୍ରକୃତ ମୂଲ୍ୟ ମଧ୍ୟ ଦେଉନି । ଆଦିବାସୀଙ୍କ ପାଇଁ ପେସା ଆଇନ ମଧ୍ୟ ଲାଗୁ କରୁନି ନବୀନ ସରକାର ।ଓଡ଼ିଶାକୁ ଡିଏମ୍ ଏଫ୍ ଭାବେ ୨୬ ହଜାର କୋଟି ଟଙ୍କା ଦେଇଛୁ । ହେଲେ ବିଜେଡି ଶାସନରେ ଓଡ଼ିଶା ସଂପଦ, ସଂସ୍କୃତି ସବୁ ଅସୁରକ୍ଷିତ ବୋଲି କହିଛନ୍ତି ।

ଦେଶରେ ସରିଲା ୫ମ...

ସବୁଠାରୁ କମ ସିଟ ପାଇଁ ମତଦାନ ଗ୍ରହଣ କରାଯାଇଥିଲେ ହେଁ ବହୁ ହେଭିୱେଟ ନିଜର ଭାଗ୍ୟ ପରୀକ୍ଷା କରିଛନ୍ତି । ଉତ୍ତର ପ୍ରଦେଶର ରାଏବରେଲୀରୁ ରାହୁଲ ଗାନ୍ଧି, ଆମେଠିରୁ ସ୍ମୃତି ଇରାନୀ, ଲକ୍ଷ୍ନୌରୁ ରାଜନାଥ ସିଂହ, ମୁମ୍ବାଇ ନର୍ଥରୁ ପୀୟୂଷ ଗୋଏଲ, ହାଜିପୁରରୁ ଚିରାଗ ପାଶ୍ୱାନ ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ପୁଅ ଶ୍ରୀକାନ୍ତ କଲ୍ୟାଣରୁ ଲଢୁଥିଲେ । ଏବେ ସମସ୍ତଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇ ଯାଇଛି । ୨୦୧୯ରେ ଆଜି ଭୋଟ ହୋଇଥିବା ୪୯ଟି ଆସନରୁ ବିଜେପି ୩୨ଟିରେ ଜିତିଥିଲା । ସବୁଠାରୁ ବଡ଼ ଲଢ଼େଇ ବେଙ୍ଗଲର ୭ଟି ଓ ମହାରାଷ୍ଟ୍ରରେ ୧୩ଟି ଆସନରେ ହେବାର ସମ୍ଭାବନା ରହିଛି । କାରଣ ମହାରାଷ୍ଟ୍ରର ଏହି ୧୩ ଆସନରୁ ୧୦ଟି ଶିବସେନା ଗଡ଼ । କିନ୍ତୁ ଶିବସେନା ଦୁଇ ଭାଗ ହୋଇଯାଇଥିବାରୁ ଭୋଟ କାହା ସପକ୍ଷରେ ଯାଉଛି, ତା' ଉପରେ ସମସ୍ତଙ୍କର ନଜର ରହିଛି । ସେହିପରି ବେଙ୍ଗଲର ୭ଟି ଆସନରେ ବିଜେପି ଓ କ୍ଷମତାସୀନ ଟିଏମସି ମଧ୍ୟ ଟକ୍କର ହୋଇଛି । ହୁଗୁଳୀ ଆସନରେ ବିଜେପିର ଲକେଟ ଚାଟାର୍ଜୀଙ୍କ ବିପକ୍ଷରେ ରଚନା ବାନାର୍ଜୀ ରହିଥିଲେ । ଉତ୍ତର ପ୍ରଦେଶରେ ଆଜି ୧୪ଟି ଆସନ ପାଇଁ ଭୋଟିଂ ହୋଇଛି । ଏହା ମଧ୍ୟରୁ କେବଳ ରାଏବରେଲୀକୁ ଛାଡ଼ି ୨୦୧୯ରେ ବିଜେପି ସବୁ ଠାରେ ଜିତିଥିଲା । ତେଣୁ କଂଗ୍ରେସ ଓ ଅଖିଲେଶ ଯାଦବଙ୍କ ସପା ଏହି ଧାରାକୁ ଭାଙ୍ଗି ପାରୁଛନ୍ତି କି ନାହିଁ, ତା' ଉପରେ ସମସ୍ତଙ୍କ ନଜର ରହିଛି । ଏବେ ଆଉ ୨ଟି ପର୍ଯ୍ୟାୟରେ ୧୧୫ଟି ଲୋକସଭା ଆସନ ପାଇଁ ଭୋଟିଂ ହେବ । ମେ' ୨୫ରେ ଦିଲ୍ଲୀ ଓ ହରିୟାଣା ସମେତ ମୋଟ ୫୮ଟି ଆସନରେ ଲୋକମାନେ ଭୋଟ ଦେବେ । ସେହିପରି ଜୁନ ୧ରେ ଶେଷ ପର୍ଯ୍ୟାୟ ଭୋଟିଂ ହେବ । ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ର ପଞ୍ଚମ ପର୍ଯ୍ୟାୟରେ ତଥା ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟରେ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, କନ୍ଧମାଳ, ଆସ୍କା ସଂସଦୀୟ କ୍ଷେତ୍ର ଏବଂ ଉକ୍ତ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୩୫ଟି ବିଧାନସଭା କ୍ଷେତ୍ର ପାଇଁ ମତଦାନ ଅନୁଷ୍ଠିତ ହୋଇଛି । ମିଳିଥିବା ତଥ୍ୟ ଅନୁସାରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମତଦାନ ହାର ଆପାତତଃ ୬୦ ପ୍ରତିଶତରୁ ଅଧିକ ରହିଛି । ସମସ୍ତ ବୁଥରୁ ତଥ୍ୟ ହସ୍ତଗତ ହେବା ପରେ ଏହି ଭୋଟ ପ୍ରତିଶତ ହାର ଅଧିକ ହେବ । ରାଜ୍ୟରେ ଉପରୋକ୍ତ ୫ ସଂସଦୀୟ କ୍ଷେତ୍ର ଓ ଏହା ଅନ୍ତର୍ଗତ ୩୫ ବିଧାନସଭା କ୍ଷେତ୍ରରେ ଭୋଟରମାନେ ଅପୂର୍ବ ଆନନ୍ଦ ଓ ଉତ୍ସାହର ସହ ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇ ମତଦାନ କରି ଜାତୀୟ କର୍ତ୍ତବ୍ୟ ନିଭାଇଛନ୍ତି। ମତଦାନରେ ସମସ୍ତ ବର୍ଗର ଭୋଟର ଯଥା-ନୂଆ ଭୋଟର, ଯୁବ ଭୋଟର, ମହିଳା ଭୋଟର, ଭିନ୍ନକ୍ଷମ ଭୋଟର, ତୃତୀୟ ଲିଙ୍ଗୀ ଭୋଟର, ଆଦିମ ଜନଜାତି ଗୋଷ୍ଠୀ ସାମିଲ ହୋଇ ନିଜ ଅଧିକାର ସାବ୍ୟସ୍ତ କରି ଗଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରିଥିବାରୁ ସମସ୍ତ ଭୋଟରଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସାଧୁବାଦ ଜଣାଇଛନ୍ତି। ଭୋଟରମାନଙ୍କୁ ମତଦାନ ପ୍ରତି ଆକର୍ଷିତ କରିବା ପାଇଁ ଆଦର୍ଶ ମତଦାନ କେନ୍ଦ୍ରରେ ଗଣତନ୍ତ୍ରର ମହାପର୍ବର ଖୁବ୍ ସୁନ୍ଦର ଚିତ୍ର ଦେଖିବାକୁ ମିଳିଥିଲା । ଯୁବ କର୍ମଚାରୀ ପରିଚାଳିତ ବୁଥ୍, ମହିଳା କର୍ମଚାରୀ ପରିଚାଳିତ ବୁଥ୍, ଭିନ୍ନକ୍ଷମ କର୍ମଚାରୀ ପରିଚାଳିତ ବୁଥ୍ ଆଦି ସ୍ଥାପନ କରାଯାଇ ଭୋଟରମାନଙ୍କୁ ସ୍ୱାଗତ କରାଯାଇଥିଲା । ଅନେକ ବୁଥରେ ସ୍ଥାନୀୟ ଚିତ୍ରକଳା, ଜନଜାତି ଥିମ ଦେଖିବାକୁ ମିଳିଥିଲା । ସମସ୍ତ ବୁଥରେ ମତଦାତାମାନଙ

ମଙ୍ଗଳବାର, ମଇ ୨୧, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଓଡ଼ିଶା ପ୍ରଦେଶର ପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କ ବାଲେଶ୍ୱର ଗସ୍ତ

ବାଲେଶ୍ୱର, ୨୦/୫ (ନି.ପ୍ର): ଓଡ଼ିଶା ପ୍ରଦେଶ ପାଇଁ କେନ୍ଦ୍ରୀୟ ପ୍ରଭାରୀ ବିଜୟପାଲ ସିଂ ତୋମାର ଆଜି ସାଂଗଠନିକ କାମରେ ବାଲେଶ୍ୱର ଗସ୍ତରେ ଆସିଛନ୍ତି। ଦିବା ୧ଟା ସମୟରେ ନୋସି ହେଲିପ୍ୟାଡ଼ରେ ଅବତରଣ କରିବା ସମୟରେ ଜିଲ୍ଲା ସମ୍ପାଦକ ବିଜୟ ସାହୁ, ଲୋକସଭା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ବରିଷ୍ଠ ନେତା ଅଜିତ୍ ପାଢ଼ୀଙ୍କ ସହିତ ଅନେକ ଦଳୀୟ କାର୍ଯ୍ୟକର୍ତ୍ତା ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଶ୍ରୀଯୁକ୍ତ ତୋମାର ସମଗ୍ର ଲୋକସଭା ଓ ଅନ୍ତର୍ଗତ ସାତ ବିଧାନସଭାର ନିର୍ବାଚନ ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ପର୍ଯ୍ୟାୟ କ୍ରମେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ, ବଡ଼ସାହି ବିଧାୟକ ପ୍ରାର୍ଥୀ ସନାତନ ବିଜୁଳି, ଜଳେଶ୍ୱର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର, ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, ନିଳଗିରି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ଓ ସଦର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ସମେତ ସମସ୍ତ ସଂଯୋଜକ, ପ୍ରଭାରୀଙ୍କ ସହିତ ଆଲୋଚନା କରିଥିଲେ।

ଗଡ଼ଗଡ଼ିଆ ୪୫ତମ ଚନ୍ଦନ ଉତ୍ସବ ମହାସମାରୋହରେ ଆରମ୍ଭ ହୋଇଯାଇଛି

ବାଲେଶ୍ୱର, ୨୦/୫ (ନି.ପ୍ର): ସ୍ଥାନୀୟ ଗଡ଼ଗଡ଼ିଆ ପୋଖରୀଘାଟ ଠାରେ ୪୫ତମ ଚନ୍ଦନ ଉତ୍ସବ ୧୯-୦୫-୨୦୨୪ ରିଖ ଠାରୁ ମହା ସମାରୋହରେ ପାଳନ କରାଯାଇଅଛି। ଏହି ଉତ୍ସବ ତା ୨୩-୦୫-୨୪ ରିଖ ପୂର୍ଣ୍ଣି ପର୍ଯ୍ୟନ୍ତ ପାଳନ ହେବ ବୋଲି କମିଟିର କାର୍ଯ୍ୟକାରୀ ସଭାପତି ହିମାଂଶୁ ଶେଖର ଦାସ ପ୍ରକାଶ କରିଅଛନ୍ତି। ପ୍ରଥାନୁଯାୟୀ ସ୍ଥାନୀୟ ସ୍ୱର୍ଗତ ଜୟ ଗୋପାଳ ଦାସଙ୍କ ଘରୁ ଗୋପାଳଜୀଉ, ରାଧାମାଧବ ଓ ଶ୍ରୀରାଧା ପାଲିଙ୍କିରେ ଆସି ସହର ପରିକ୍ରମା କରି ଗଡ଼ଗଡ଼ିଆ ପୋଖରୀରେ ପହଞ୍ଚି ନାବକେଳି କରିଥିଲେ। ଭଜନ ଓ କୀର୍ତ୍ତନ ଏବଂ ସଂଗୀତ ପରିବେଷଣରେ ପ୍ରଭୁଙ୍କ ନାବକେଳୀ ଅତ୍ୟନ୍ତ ମୁଗ୍ଧକର ହୋଇଥିଲା। ଏହି ଅବସରରେ କମିଟି ତରଫରୁ ୨ଦିନ ଧରି ସ୍ଥାନୀୟ ବାଳକ ଓ ବାଳିକାମାନଙ୍କ ମଧ୍ୟରେ ଏକ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା ଏବଂ ନୃତ୍ୟରେ

ପ୍ରଦର୍ଶନ ପାଇଁ ୭ଜଣ ପ୍ରତିଯୋଗୀମାନଙ୍କୁ ସଭାପତି ଓ ସମ୍ପାଦକଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ବିଚାରକ ଭାବେ ଅନିତା ଭୋଇ ଓ ଜୟନ୍ତ ଦାସ ପ୍ରତିଯୋଗୀମାନଙ୍କ ନୃତ୍ୟକୁ ପର୍ଯ୍ୟବେକ୍ଷଣ କରି ଶ୍ରେଷ୍ଠ ପ୍ରତିଯୋଗୀ ନିର୍ଣ୍ଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀ ଅଜାତଶତ୍ରୁ ଦାସ, ଶଶିଭୂଷଣ କର, ଅମୂଲ୍ୟ କୁମାର ସେଠୀ, ରବୀନ୍ଦ୍ର ମାଝୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ। କମିଟି ତରଫରୁ ଚଳିତବର୍ଷ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ରଂଗାରଂଗ ମେଲୋଡ଼ି, ଭଜନ ସନ୍ଧ୍ୟା ଓ ସଂଗୀତ ପରିବେଷଣ ୫ଦିନ ଧରି କରାଯିବ ବୋଲି ସଂପାଦକ ବିଦ୍ୟାଧର ପଣ୍ଡା ସୂଚନା ଦେଇଥିଲେ। ଉକ୍ତ ଉତ୍ସବଟିକୁ ସଫଳ କରିବାରେ ସୁବ୍ରତ କୁମାର ଦାସ, ଅମର କୁମାର ସେନ, ଶ୍ରୀମନ୍ତ ମାଝୀ, ସ୍ଥାନୀୟ ପୌର ସଦସ୍ୟ ଉମେଶ ବେହେରା, ଚନ୍ଦନ କୁମାର ଦାସ, ଅନୁପ କୁମାର ଦାସ, ଦୀପକ କୁମାର ଦାସ, ଟୁଟୁ ଦିକ୍ଷିତ୍, ପ୍ରଶାନ୍ତ ଦାସ, ଗଜେନ୍ଦ୍ର ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ।

ପାଣି ପାଇଁ ରାସ୍ତାରୋକ

ନୀଳଗିରି, ୨୦/୫ (ନି.ପ୍ର): ନୀଳଗିରି ବ୍ଲକ ସଜନାଗଡ ପଞ୍ଚାୟତ ମୁଣ୍ଡଘୁରା ଗ୍ରାମର ଗ୍ରାମବାସୀ ପାଣି ସମସ୍ୟା ନେଇ ଶେରଗଡ ଝରଣଘାଟୀ ୧୯ ନଂ ରାଜ୍ୟ ରାଜପଥର ସଜନାଗଡ ଛକରେ ଗରା ବାଲ୍ଟି ରଖି ରାସ୍ତା ଅବରୋଧ କରିଥିଲେ। ସୂଚନା ମୁତାବକ ଉକ୍ତ ଗ୍ରାମରେ ଶତାଧିକ ପରିବାର ବାସ କରୁଥିବା ବେଳେ ପାନୀୟ ପାଇଁ କୌଣସି ସ୍ଥାୟୀ ପ୍ରତିକାର କରାଯାଇ ନାହିଁ । ଫଳରେ ଗ୍ରାମବାସୀ ବାଧ୍ୟ ହୋଇ ଆଜି ରାଜରାସ୍ତାକୁ ଓହ୍ଲାଇଥିଲେ। ଉକ୍ତ ଗ୍ରାମରେ ତିନୋଟି ନଳକୂପ ଥିବା ବେଳେ ସେଥିମଧ୍ୟରୁ ଗୋଟିଏ ସମ୍ପୂର୍ଣ୍ଣ ଅଚଳ ହୋଇପଡିରହିଛି ଓ ଅନ୍ୟ ଦୁଇଟିରେ ପାଣି ଖୁବ ଅଳ୍ପମାତ୍ରାରେ ଆସୁଛି। ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ବସୁଧା ଯୋଜନା ଅଧୀନରେ ୧ ଲକ୍ଷ ଲିଟର ବିଶିଷ୍ଟ ଏକ ଉଠା ଜଳସେଚନ ପ୍ରକଳ୍ପର ଟାଙ୍କି ହୋଇଛି । ହେଲେ ସେଥିରେ ମଧ୍ୟ ଅନେକ ପରିବାରକୁ ପାଣି ପହଞ୍ଚିପାରୁନାହିଁ। ସ୍ଥାନୀୟ ସରପଞ୍ଚଙ୍କୁ ବାରମ୍ବାର ମୌଖିକ ଆକାରରେ ଜଣାଇବା ପରେ ସେ ନ ଶୁଣିବାରୁ ଗ୍ରାମବାସୀ ଆଜି ଧାରଣାରେ ବସିଥିଲେ। ଘଟଣା ସ୍ଥଳରେ ଗ୍ରାମ୍ୟ ପାନୀୟ ଓ ପରିମଳ ବିଭାଗର ଯନ୍ତ୍ରୀ ଶୁଭଲକ୍ଷ୍ମୀ ମହନ୍ତ ପହଞ୍ଚିବା ସହ ଗାଁ ବୁଲି ତଦନ୍ତ କରିଥିଲେ ଲିଖିତ ଅଭିଯୋଗ ପରେ ସେମାନଙ୍କ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକେ ଧାରଣାରୁ ଉଠିଥିଲେ।

ବସ୍ତା ବିଜେପି ପ୍ରଚାର କମିଟି ଅଧ୍ୟକ୍ଷ ହେଲେ ଶ୍ୟାମ ପ୍ରସାଦ ବେହେରା

ବସ୍ତା , ୨୦/୫ (ନି.ପ୍ର): ଚଳିତ ସାଧାରଣ ନିର୍ବାଚନ ରେ ବସ୍ତା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରଚାର କାର୍ଯ୍ୟ ଓ ନିର୍ବାଚନ ର ସୁପରିଚାଳନା ପାଇଁ ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରାଙ୍କୁ କେନ୍ଦ୍ରୀୟ କମିଟି ତରଫରୁ ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଗତକାଲି ବିଳମ୍ବିତ ରାତ୍ରିରେ ବାଲେଶ୍ୱର ମାହେଶ୍ୱରୀ ଭବନରେ ନିର୍ବାଚନ ରଣନୀତି ପ୍ରସ୍ତୁତ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକ ରେ ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ମନୋରଞ୍ଜନ ମିଶ୍ର,ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର,ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ,ଶୁଭଙ୍କର ମହାପାତ୍ର ପ୍ରମୁଖ

ଉପସ୍ଥିତ ଥିଲେ। ଶ୍ୟାମାପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କମିଟିରେ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ଜିଲ୍ଲାର ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା, ବିଧାନସଭା ପ୍ରଭାରୀ ପର୍ଶୁରାମ ପରିଡା, କୃଷକମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଜୟ ସାହୁ,ଶିବ ଶଙ୍କର ପ୍ରଧାନ,ରବୀନ୍ଦ୍ର ଜୈନ, ବିକାଶ ଗିରି ପ୍ରମୁଖ ସଦସ୍ୟ ଅଛନ୍ତି। ଏହି କମିଟି ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବିଜୟ ଲାଭପାଇଁ ପରିଚାଳନା କାର୍ଯ୍ୟ କୁ ତ୍ୱରାନ୍ୱିତ କରିବେ। ତେବେ ଶ୍ରୀ ବେହେରା ସର୍ବ ପ୍ରଥମ ବିଜେପି ବିଧାୟକପ୍ରର୍ଥୀ ଭାବେ ବସ୍ତା ନିର୍ବାଚନ ମଣ୍ଡଳୀରେ ଛିଡା ହୋଇଥିଲେ ଓ ଦିର୍ଘବର୍ଷ ଧରି ବିଭିନ୍ନ ସଂଗଠନ ସାମିଲ ହେବା ସହିତ ସମାଜସେବା ବିଜେପିର ବଳିଷ୍ଠ ନେତୃତ୍ୱ ଥାଇ ମଧ୍ୟ ଅଞ୍ଚଳର ବିକାଶ ପାଇଁ ବସ୍ତା ବାସୀଙ୍କ ସୁଖ ଦୁଃଖରେ ଛିଡା ହେଉଥିବା ନେଇ ବୁଦ୍ଧିଜିବି ମହଲରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି ।ଠିକଣା ସମୟରେ ତାଙ୍କୁ ଏହି ଗୁରୁ ଦାଇତ୍ୱ ବିଜେପି ପକ୍ଷରୁ ଦିଆଯାଇଥିବାରୁ ତୃଣମୂଳ ସ୍ତରରୁ ବିଜେପି କର୍ମୀ ଓ ବସ୍ତା ଅଞ୍ଚଳ ବାସୀଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି ।

ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ

ଲଙ୍ଗଳେଶ୍ୱର , ୨୦/୫ (ନି.ପ୍ର): ବାଲିଆପାଳ ବ୍ଲକ କୁଣ୍ଡଳୀ ପଞ୍ଚାୟତ ଅନ୍ତର୍ଗତ ଇନ୍ଦିପଡା ଗ୍ରାମରେ ଜନୈକା ମହିଳା ଘରେ ଶୋଇଥିବ ସମୟରେ ବିଷାକ୍ତ ସାପ କାମୁଡ଼ା ରେ ମୃତ୍ୟୁ ଘଟିଛି, ମହିଳା ଜଣକ ହେଲେ ଇନ୍ଦିପଡା ଗ୍ରାମରେ ଗୌରାଙ୍ଗ ବେହେରା ଙ୍କ ସ୍ତ୍ରୀ ବାସନ୍ତି ବେହେରା (୫୨), ସୂଚନା ମୁତାବକ ଆଜି ଅପରାହ୍ନ ରେ ବାସନ୍ତି ନିଜ ଘର ବାରଣ୍ଡାରେ ଶୋଇଥିବା ସମୟ ରେ ଏକ ବିଷଧର ନାଗସାପ କାମୁଡ଼ି ଦେଇଥିଲା, ପ୍ରବଳ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସ ସାହାଯ୍ୟରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ କୁ ନେଇ ଯିବା ସମୟରେ ରାସ୍ତା ରେ ମୃତ୍ୟୁ ହୋଇ ଯାଇଥିଲା

ନୀଳଗିରିରେ ବିଜେଡ଼ି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ମେଗା ରୋଡସୋ ଓ ଘରେ ଘରେ ପ୍ରଚାର

ନୀଳଗିରି , ୨୦/୫ (ନି.ପ୍ର): ଚଳିତ ସାଧାରଣ ନିର୍ବାଚନକୁ ଆଉ ଅଳ୍ପଦିନ ବାକି। ପ୍ରମୁଖ ରାଜନୈତିକ ଦଳ ଗୁଡିକ ଜୋରସୋରରେ ପ୍ରଚାର ପ୍ରସାର ଚଳାଇଥିବା ବେଳେ ଆଜି ବାଲେଶ୍ୱର ବିଜେଡ଼ି ସାଂସଦ ପ୍ରାର୍ଥୀ ଡ଼ଃ ଲେଖାଶ୍ରୀ ସାମନ୍ତ ସିଂହାର ଏବଂ ନୀଳଗିରି ବିଧାୟକ ପ୍ରାର୍ଥୀ ସୁକାନ୍ତ କୁମାର ନାୟକ ନୀଳଗିରି ବ୍ଲକ ମିତ୍ରପୁର , କାଂଶ ଓ ତିନିଦେଶ ଠାରେ ମଟର ସାଇକେଲ ଦ୍ୱାରା ମେଗା ରୋଡସୋ କରିବା ସହିତ ଭିନ୍ନଭିନ୍ନ ବୈଠକ ଆୟୋଜନ କରି ନବୀନ ପଟ୍ଟନାୟକଙ୍କ ଲୋକ ହିତକର କାର୍ଯ୍ୟର ବାର୍ତ୍ତା ଉପସ୍ଥାପନ କରିଥିଲେ। ଏଥିସହିତ ଆଗାମୀ ୧୦ବର୍ଷର ମାଷ୍ଟର ପ୍ଲାନ ସହିତ ମହିଳା ସଶକ୍ତିକରଣ, ଯୁବବର୍ଗଙ୍କ ପାଇଁ ନିଶ୍ଚିତ ନିଯୁକ୍ତି, ବିଜୁଳି ଛାଡ଼ ପ୍ରମୁଖ ବିଜେଡିର ଘୋଷଣାନାମା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସୂଚନା ଦେଇଛନ୍ତି। ତେଣୁ ପୁନର୍ବାର ବିଜେଡ଼ିକୁ କ୍ଷମତାକୁ ଆଣି ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ। ଏଥିପାଇଁ ଡବଲ ଶଙ୍ଖ ଚିହ୍ନରେ ଭୋଟଦେଇ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଆପଣଙ୍କ ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ ବୋଲି ଉଭୟ ନେତା ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ରାଜ୍ୟ ଯୁବବିଜେଡ଼ି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ୧୩ଜୋନ ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ନୀଳଗିରି ବ୍ଲକ୍ ସଭାପତି ବିଜୟ ଲେଙ୍କା, ବରିଷ୍ଠ ବିଜେଡି ନେତା ଗଙ୍ଗାଧର ମିଶ୍ର, ରମେଶ ମହାନ୍ତି, ଜିଲ୍ଲା ବିଜେଡ଼ି ବରିଷ୍ଠ ଉପସଭାପତି ବାବୁଲା ପଟ୍ଟନାୟକ, ଆଇନଜୀବୀ କିଶୋର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

ଇଣ୍ଡିଆ ସ୍କିଲ୍ସରେ ଟିମ୍ ଓଡ଼ିଶା ଟପ୍ପର

ଭୁବନେଶ୍ୱର, ୨୦/୫ (ନି.ପ୍ର): 'ଇଣ୍ଡିଆ ସ୍କିଲ୍ସ-୨୦୨୪'ରେ ଚମକିଛନ୍ତି ଓଡ଼ିଶାର ପ୍ରତିଯୋଗୀ। ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଟିମ୍ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନ କରିଛି। ସର୍ବଭାରତୀୟ ସ୍ତରରେ ସର୍ବାଧିକ ୫୨ଟି ପଦକ ଜିତି ଓଡ଼ିଶା ରେକର୍ଡ କରିଛି। ସୋମବାର ଦିନ ଟିମ୍ ଓଡ଼ିଶାର ପ୍ରତିଯୋଗୀ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରଠାରେ ପହଂଚିବା ପରେ ସେମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା ।

ବନବିଭାଗର ଚଢାଉ: ଚୋରା ମୋରମ ବୋଝେଇ ଡମ୍ପର ଜବତ

ନୀଳଗିରି , ୨୦/୫ (ନି.ପ୍ର): ନୀଳଗିରି ବନବିଭାଗ ଚଢ଼ାଉ କରି ଆଜି ଗୋଟିଏ ଚୋରା ମୋରମ ବୋଝେଇ ଡମ୍ପର ଜବତ କରିଛି। ଓଡ଼ି ୦୧କେ ୩୫୦୦ନଂ ଏକ ହଳଦିଆ ରଙ୍ଗର ଅଶୋକ ଲିଲେଣ୍ଡ ଡମ୍ପର ଚୋରାରେ ମୋରମ ବୋଝେଇ କରି ବରହମପୁର ମିତ୍ରପୁର ରାସ୍ତାରେ ଯାଉଥିବା ବେଳେ ଗୋପାଳପୁର ନିକଟରେ ବନବିଭାଗର ଏକ ଟିମ୍ ଡମ୍ପରକୁ ଅଟକାଇ ପରମିଟ ଯାଞ୍ଚ କରିଥିଲେ। ମାତ୍ର ଡ୍ରାଇଭର ଜଣକ କୌଣସି କାଗଜପତ୍ର ଦେଖାଇ ନପାରିବାରୁ ଡମ୍ପରକୁ

ଜବତ କରି ନୀଳଗିରି ଥାନାରେ ଜିମା ଦିଆଯାଇଛି। ଏହି ଚଢ଼ାଉରେ ନୀଳଗିରି ରେଞ୍ଜ ଅଧିକାରିଣୀ ଆଇସା ଏ ନିଶା, ମିତ୍ରପୁର ଫରେଷ୍ଟର ସରୋଜ କୁମାର ପ୍ରଧାନ, ଗୋପାଳପୁର ଫରେଷ୍ଟ ଗାର୍ଡ ଓ ସବୁଜବାହିନୀ ସାମିଲ ଥିଲେ। ଏନେଇ ଅଧିକ ତଦନ୍ତ ଚାଲିଥିବା ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି।

ବଡ଼ସାହି ନିର୍ବାଚନ ମଣ୍ଡଳୀ ବେତନଟୀଠାରୁ ବିଜେପିର ମଟର ସାଇକେଲ ରାଲି

ବେତନଟୀ , ୨୦/୫ (ନି.ପ୍ର): ବଡ଼ସାହି ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ଥିବା ୫ଟି ଜିଲ୍ଲା ପରିଷଦ ଜୋନ୍ ମଧ୍ୟରୁ ୩୬ ଓ ୩୭ ନଂ ଜୋନ୍ ରେ ବାଇକ୍ ରାଲି ଶନିବାର ଓ ରବିବାର ଅନୁଷ୍ଠିତ ହେବା ପରେ ଆଜି ସୋମବାର ୩୫ନଂ ଜୋନ ଅଞ୍ଚଳରେ ବାଇକ ରାଲି ସହିତ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିବାର ଜଣାଯାଇଛି । ବିଧାୟକ ପ୍ରାର୍ଥୀ ସନାତନ ବିଜୁଳି ଓ ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ସହିତ ବହୁ ବରିଷ୍ଠ ନେତା ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଜୋନ୍ ଅଧିନରେ ଥିବା ପଞ୍ଚାୟତ ଗୁଡିକ ମଧ୍ୟରେ ଆଗ୍ରିଆ, ବେତନଟୀ, ସଠିଲୋ, ଏସ ଏସ ନହଣ୍ଡାଶୋଳ, ପୁରିନ୍ଦା, ଦହିକୋଟୀ, ମୁକ୍ତାପୁର ଅଞ୍ଚଳରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବିଧାୟକ ପ୍ରାର୍ଥୀ ଶ୍ରୀ ବିଜୁଳି ଦୁର୍ନିତୀ ମୁକ୍ତ ରାଷ୍ଟ୍ର ଗଠନର ବାର୍ତ୍ତା ଦେବା ସହ ବିଗତ ପାଞ୍ଚ ବର୍ଷରେ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଗ୍ରହଣ କରିଥିବା ପଦକ୍ଷେପ ବାବଦରେ ଆଲୋକପାତ କରି ଭୋଟ ଭିକ୍ଷା କରିଥିଲେ। ବରିଷ୍ଠ ନେତା ପ୍ରଦୀପ ପରିଡା, ରାଜକିଶୋର ଶାହା, ଅମ୍ବିକା ବାରିକ, ଜୀବନ ପରିଡା ନେତୃତ୍ୱରେ ହଜାର ହଜାର କର୍ମୀ ଯୋଗ ଦେଇଥିବାର ଦେଖିବାକୁ ମିଳିଥିଲା।

ବଡ଼ାଶ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ

ଲଙ୍ଗଳେଶ୍ୱର, ୨୦/୫ (ନି.ପ୍ର): ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତରେ ଆଜି ବିଜେଡିର କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ପର୍ଯ୍ୟବେକ୍ଷକ ରବୀନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏହି କର୍ମୀ ସମ୍ମିଳନୀ ଏବଂ ମିଶ୍ରଣପର୍ବରେ ମୁଖ୍ୟ ଅତିଥି ଭାବେ ବସ୍ତା ନିର୍ବାଚନମଣ୍ଡଳୀ ବିଜେଡିର ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶଧାରା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ କ୍ରମାଗତ ଭାବେ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସମୃଦ୍ଧ ଓ ବିକଶିତ ବସ୍ତା- ବାଲିଆପାଳ ଗଠନ ପାଇଁ ସହଯୋଗ କରିବା ସଙ୍ଗେ ସଙ୍ଗେ ଆସନ୍ତା ଜୁନ ୧ ତାରିଖରେ

ଦୁଇ ଥର ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ସମସ୍ତଙ୍କୁ ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ଜେନା ଅନୁରୋଧ କରିଥିଲେ । ଏହି କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ପଞ୍ଚାୟତର ଅନ୍ୟ ଦଳର ବହୁ ବରିଷ୍ଠ ନେତାଙ୍କ ସମେତ ସକ୍ରିୟ ସଦସ୍ୟ ସଦସ୍ୟା ନିଜ ଦଳ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ସମସ୍ତଙ୍କୁ ମୁଖ୍ୟ ଅତିଥି ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ସୁବାସିନୀ ଜେନା ବିଜୁ ଜନତା ଦଳକୁ ସ୍ୱାଗତ କରିବା ସହ ମିଳିମିଶି ଅଞ୍ଚଳର ବିକାଶ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ । କର୍ମୀ ସମ୍ମିଳନୀରେ ଜୟନ୍ତ ଦତ୍ତ,ସାର୍ଥକ ରଣଜିତ୍ ,ଲକ୍ଷ୍ମୀକାନ୍ତ ଦେ,ଅନନ୍ତ କରଣ,ନିତ୍ୟାନନ୍ଦ ପ୍ରଧାନ,ଗଣେଶ ବେହେରା,ସଞ୍ଜୟ ରାଜ୍ ପ୍ରମୁଖ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ । ଏଥିରେ ଶହ ଶହ ପୁରୁଷ ଏବଂ ମହିଳା ଯୋଗ ଦେଇଥିଲେ ।

ମାଇକ୍ରୋ ଅବଜରଭରମାନଙ୍କୁ ତାଲିମ ପ୍ରଦାନ କାର୍ଯ୍ୟକ୍ରମ

ଭଦ୍ରକ, ୨୦/୫ (ନି.ପ୍ର): ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ଭ